

RNI No. : ODIODI/2015/64435
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
ଡିସେମ୍ବର ୨୦୧୫
ମୂଲ୍ୟ : ୨୫ ଟଙ୍କା



ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୂର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେଷିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।



ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ


ସମ୍ପାଦକ :
ଡ. ବିଜୁଳି ଖଣ୍ଡାୟତରାୟ

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ **ଲକ୍ଷ୍ୟ** । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଶନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ବୁଢ଼ୀ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ଼ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-1, December, 2015, Issue No. IX

RNI No. : ODIODI/2015/64435

ପ୍ରାଚୀ ପରିବାର :

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଜୁକ୍ତା**

ସହ ସମ୍ପାଦକ :
**ଡ. ନିରୋଦ କୁମାର ମଲ୍ଲୀ**

ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ମନୋଜ କୁମାର ଦାସ**

ପ୍ରଚ୍ଛଦ :
**ବିଷ୍ଣୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**

ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

କାର୍ଯ୍ୟକାରୀ ସମ୍ପାଦିକା:
**ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ
www.pracheevoice.in ରେ
ଲଗ୍‌ଇନ୍ କରନ୍ତୁ ।

**Declaration**
**Edited & Published by :**
**Dr. Bibhudatta Khandayatray**
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଦୀପାବଳୀ ବିଶେଷାଙ୍କ

## ଏଇ ସଂଖ୍ୟାରେ...

❑ **ଯାତ୍ରାକଦନ୍ତ ଓ ଶ୍ରୀ ଜଗନ୍ନାଥ**

ଡକ୍ଟର ପ୍ରଦୀପ କୁମାର ଦାସ ୭

❑ **ହତ୍ୟାକାରୀ**

ରାଜେନ୍ଦ୍ର କୁମାର ରାଉଳ ୧୧

❑ **ମୁଦୁଲିପଡ଼ାରେ ଲୋକେ**

ଡକ୍ଟର ଦେବାଶିଷ ପାତ୍ର ୧୬

❑ **ବଡ଼ଭାଇ**

ସଦାନନ୍ଦ ତ୍ରିପାଠୀ ୨୨



# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................................

ଜିଲ୍ଲା........................................................................ ପିନ୍‌କୋର୍ଡ଼ ....................................

ମୋବାଇଲ୍ ନମ୍ବର .................................................. ଇ-ମେଲ୍ ..............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଯାତ୍ରାକଦମ୍ବ ଓ ଶ୍ରୀଜଗନ୍ନାଥ

ଡକ୍ଟର ପ୍ରଦୀପ କୁମାର ଦାସ

ନିଳାଦ୍ରୀ ବିହାରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ଯାତ୍ରା କାଳେ କାଳେ ମଣିଷର ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ଜୀବନକୁ ପ୍ରଭାବିତ କରିବା ସହିତ ତାର ପ୍ରାଣର ଅତଳ ପ୍ରଦେଶରେ ଏକ ଅପୂର୍ବ ଶିହରଣ ସୃଷ୍ଟି କରିଥାଏ, ଶ୍ରୀଜଗନ୍ନାଥଙ୍କର ଯାତ୍ରାସମୂହ କେବଳ ପ୍ରାଚୀନ ସାହିତ୍ୟିକମାନଙ୍କୁ ନୁହେଁ ସାଂପ୍ରତିକ କବି, ଔପନ୍ୟାସିକ ତଥା ଗାଳ୍ପିକମାନଙ୍କୁ ବହୁଭାବରେ ବୁଦ୍ଧିମନ୍ତ କରିଛି । ତେବେ ପ୍ରାଚୀନ କବିମାନଙ୍କର ଲେଖନୀରେ ଏହି ଯାତ୍ରାସମୂହ ବିଭିନ୍ନ ପ୍ରକାର ଶୈଳୀ ଓ ଚମତ୍କାରିତାରେ ପରିସ୍ଫୁଟ ହୋଇଛି । କେବଳ ଓଡ଼ିଆ କବିମାନଙ୍କର ଲେଖନୀରେନୁହେଁ ସଂସ୍କୃତ, ହିନ୍ଦୀ ଓ ବଙ୍ଗଳା ସାହିତ୍ୟର କବିମାନଙ୍କ ଲେଖନୀରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଯାତ୍ରାବର୍ଣ୍ଣନା ଚମତ୍କାର ରୂପ ନେଇଛି । ସଂସ୍କୃତ ସାହିତ୍ୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ଦ୍ୱାଦଶଯାତ୍ରା ସଂପର୍କରେ କୁହାଯାଇଛି – "ମୀଷ୍ଣା ସ୍ନାନଂ ରଥବରଗତିଃ ଶାୟନ ଗଯନେ ଦ୍ୱେ, ପାର୍ଶ୍ୱବୃତ୍ତିଃ ଶୟପରିବୃତିଃ ପ୍ରବୃତ୍ତିଃ ପୁଷ୍ୟପୂଜା । ଦୋଲାକେଳିର୍ଦମନକ ମହୋତ୍ସବସ୍ୟ ପୁଣ୍ୟା ତୃତୀୟା, ଯାତ୍ରା ସ୍ନାନେ ହରିପ୍ରତି- ମୟୋର୍ଦ୍ଦାଦଶେତି ପ୍ରଣୀତା ।"

ଦେବସ୍ନାନ, ରଥଯାତ୍ରା, ହରିଶୟନ ଏକାଦଶୀ ଓ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ଦ୍ୱୟ, ଉତ୍ଥାପନ ,କାଦଶୀ, ପ୍ରାବରଣ ଷଷ୍ଠୀ, ପୁଷ୍ୟାଭିଷେକ, ଦୋଳପୂର୍ଣ୍ଣିମା, ଦମନକ ଚତୁର୍ଦ୍ଦଶୀ, ଚନ୍ଦନଯାତ୍ରା, ଦକ୍ଷଣାନ ଓ ଉତ୍ତରାୟଣ ସଂକ୍ରାନ୍ତି – ଏହି ଦ୍ୱାଦଶଯାତ୍ରା ଜଗନ୍ନାଥଙ୍କ ମୌଳିକ ଯାତ୍ରା ରୂପରେ ପ୍ରସିଦ୍ଧ ।ଏତଦ୍‌ବ୍ୟତୀତ ୨୭ଟି ଉପଯାତ୍ରା ଓ ୨୦୯ଟି ପର୍ବପର୍ବାଣୀ ପରବର୍ତ୍ତୀ ସମୟରେ ବିଭିନ୍ନ ରାଜପୁରୁଷ ଓ ଭକ୍ତମାନଙ୍କ ସୃଷ୍ଟି ହୋଇଅଛି । ଅନୁରୂପ ଭାବରେ ଆଲୋଚ୍ୟ କବି ଦୀନଦାସ ତାଙ୍କର ଅନ୍ୟତମ ଖଣ୍ଡକାବ୍ୟ 'ଯାତାକଦମ୍ବ'ରେ ନିଳାଦ୍ରୀବିହାରୀ ଶ୍ରୀଜଗନ୍ନାଥଙ୍କର ବାରଯାତ୍ରା ଅତ୍ୟନ୍ତ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । 'ଯାତ୍ରାକଦମ୍ବ' ଏଠାରେ ଶ୍ରୀଜଗନ୍ନାଥଙ୍କର ଯାତ୍ରାସମୂହ ଭାବରେ କୁହାଯାଇଛି । ଯାତ୍ରାକଦମ୍ବ ଏକ ଖଣ୍ଡକାବ୍ୟ । ଶ୍ରୀଜଗନ୍ନାଥଙ୍କର ବାରଯାତ୍ରାକୁ କେନ୍ଦ୍ରକରି ଏହା ରଚିତ ହୋଇଅଛି । ବାରଯାତ୍ରା ପ୍ରସଙ୍ଗରେ କବି ଲେଖିଛନ୍ତି–

"ପ୍ରଥମରୁ ଶ୍ରୀସ୍ନାନଯାତ୍ରା ଗୁଣ୍ଡିଚାତଦନ୍ତ
ତହୁଁ ଶୟନ କକଡ଼ା ଅୟନ ସଙ୍କୃତ ଯେ ।୨୪।
ତଦନ୍ତରେ ପାର୍ଶ୍ୱପରିବର୍ତ୍ତନ ଯେ ହୁଏ
ତହୁଁ ଉପସ୍ଥାପନ (ଉତ୍ଥାପନ)
ଯାତ୍ରା ସର୍ବ ସୁଖମୟ ଯେ ।୨୫।
ତହୁଁ ପ୍ରାବରଣ ଷଷ୍ଠୀ ପୁଷ୍ୟା ଅଭିଷେକ
ମକରଯାତ୍ରା ତଦନ୍ତେ ଦୋଳଯାତ୍ରା ଟେକ ଯେ ।୨୬।
ତହୁଁ ଦମନକ ଚତୁର୍ଦ୍ଦଶୀ ଯାତ୍ରାହୋଇ
ତଦନ୍ତେ ଚନ୍ଦଯାତ୍ରା ବାରଯାତ୍ରା ଯହିଁ ଯେ ।

(ଯାତ୍ରା କଦମ୍ବ/ପ୍ରଥମଛାନ୍ଦ)

କବି ନିଜକୁ 'ଯାତ୍ରାକଦମ୍ବ'ର ପ୍ରତ୍ୟେକ ଛାନ୍ଦର ଶେଷରେ ଦୀନହୀନ ଭାବରେ ପରିଚୟ ଦେଇଥିଲେ ମଧ୍ୟ ଦ୍ୱାଦଶ ଛାନ୍ଦର ଶେଷରେ ନିଜକୁ ପିମ୍ପୋଲଗ୍ରାମ ନିବାସୀ ରଘୁନାଥ ଦାସଙ୍କ ସାନ ପୁତ୍ର ଭାବରେ ବର୍ଣ୍ଣନା କରିଛନ୍ତି । ଜଣାଯାଏ କବିଙ୍କ ପିତା ରଘୁନାଥ ଦାସ ମହନ୍ତ ବୈଷ୍ଣବ ସେବାକରି ତାଙ୍କରି ପ୍ରସାଦରୁ ପୁତ୍ର ପ୍ରାପ୍ତ ହୋଇଥିଲେ । ପୁଣି ସେହି ମହନ୍ତ ବୈଷ୍ଣବଙ୍କ ପ୍ରସାଦରୁ 'ଯାତ୍ରାକଦମ୍ବ' ରଚନା ଶେଷ ହୋଇପାରିଲା ବୋଲି କବି ସ୍ୱୀକାର କରିଛନ୍ତି । ତେଣୁ ପୁରୀ ଜିଲ୍ଲାର ଅଧୁନାତନ ପିପିଲି ଗ୍ରାମର ଦୀନଦାସଙ୍କୁ 'ଯାତ୍ରାକଦମ୍ବ'ର ରଚୟିତା ଭାବରେ ନିର୍ଦ୍ୱନ୍ଦରେ ଗ୍ରହଣ କରାଯାଇପାରେ । ପୁଣି କବି ଶ୍ରୀବୀରକେଶରୀଙ୍କ ଚତୁର୍ଥ ଅଙ୍କରେ ଏ ରଚନା ସମାପ୍ତ ହୋଇଥିଲା ବୋଲି କାବ୍ୟ ପ୍ରସଙ୍ଗରେ ଲେଖିଛନ୍ତି ।

'ପ୍ରାଚୀନଉତ୍କଳ'ରେ ଶ୍ରୀବୀରକେଶରୀଦେବଙ୍କ ସଂପର୍କରେ ଲେଖାଅଛି – "ବୀରକେଶରୀ ଦେବ– ଏ ୪୩

ବର୍ଷ ରାଜତ୍ୱ କଲେ। ୧୭୩୭-୧୭୮୦ ଖ୍ରୀଷ୍ଟାବ୍ଦ, ୧୬୫୯-୧୭୦୨ ଶକାବ୍ଦ ୫ ଅଙ୍କରେ ମରହଟ୍ଟାମାନେ ମୋଗଲମାନଙ୍କୁ ରଡ଼ି ଦେଇ ରାଜତ୍ୱକଲେ। ଏହିଠାରୁ ମୋଗଲବନ୍ଦି ହେଲା। ଦେଉଳ ଉତ୍ତରଦ୍ୱାର ଗୁମୁଟବୈତମ ହୋଇଥିଲା। ରାଜାଙ୍କା ପ୍ରମାଣେ ଅଷ୍ଟଗ୍ରାସୀ ଗୋସାଇଁ ତୋଳାଇଥିଲେ। ସ୍ନାନବେଦୀର ପହଣ୍ଡପଥର ବସାଇଲେ। ଖଟ, ଶେଯଘର, ଶୟନଘର, ଚାଙ୍ଗଡ଼ାଘରମାନ ନୂତନ ନିର୍ମାଣ କଲେ। ଡମର ସିଂହ ଦେଉଳ ଚାରିପାଖରେ ପଥର ବସାଇଲେ ଓ ଚକଡ଼ା କଲେ।" (ପ୍ରାଚୀନଉତ୍କଳ/ଜଗବନ୍ଧୁ ସିଂହ) ଏଥିରୁ ଜଣାପଡ଼େ ଦୀନଦାସଙ୍କ 'ଯାତ୍ରାକଦମ୍ବ' ଶ୍ରୀବୀରକେଶରୀଦେବଙ୍କ ରାଜତ୍ୱର ପ୍ରଥମ ଭାବରେ ୧୭୪୦ ଖ୍ରୀଷ୍ଟାବ୍ଦ ବା ୧୬୬୨ ଶକାବ୍ଦରେ ରଚନା କରାଯାଇଥିଲା। ଏଥିରୁ ସ୍ୱଷ୍ଟ ପ୍ରମାଣିତ ହୁଏ ଯେ କବି ଦୀନଦାସ ତତ୍‌କାଳୀନ ଓଡ଼ିଆ ସାହିତ୍ୟର ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ସମସାମୟିକ । "ଯାତ୍ରାକଦମ୍ବ"ର ପ୍ରଥମ ଛାନ୍ଦରେ କବି ଲେଖିଛନ୍ତି –

"ଯାତ୍ରାକଦମ୍ବ ନାମରେ ପ୍ରବନ୍ଧରଂଚନ
କରିବାପାଇଁ ବଳୁଅଛି ମୋର ମନ ଯେ ।୫।
ସ୍କନ୍ଦପୁରାଣ କଥା ତ କ୍ଷେତ୍ର ମହାତ୍ମରୁ
କହୁଅଛି କ୍ଷେମାକର ତୁମ୍ଭେମାନେ ଗୁରୁଯେ ।୧୨।

ଭାରତୀୟ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରେ ଅଷ୍ଟାଦଶ ପୁରାଣର ମହତ୍ତ୍ୱ ସର୍ବାଗ୍ରଗଣ୍ୟ। ସକଳ ଧର୍ମଦର୍ଶନର ଉତ୍ସ 'ବେଦ'ର ଗୂଢ଼ ତତ୍ତ୍ୱ ଯେତେବେଳେ ଜନସାଧାରଣଙ୍କ ପକ୍ଷରେ ଅବୋଧ୍ୟ ହୋଇଉଠିଲା ସେତେବେଳେ ଲୀଳାମୟ ପରମାତ୍ମା ମହର୍ଷି ବେଦବ୍ୟାସ ରୂପରେ ଅବତୀର୍ଣ୍ଣ ହୋଇ ମାନବ ସମାଜର କଲ୍ୟାଣ ସାଧନ ନିମିତ୍ତ ବେଦର ଗୂଢ଼ାର୍ଥକୁ ସାଧାରଣ ପକ୍ଷରେ ସୁବୋଧ୍ୟ କରାଇଲେ। ତେଣୁ ପଣ୍ଡିତ ଶ୍ରୀ ହରିହର ମିଶ୍ର ଲେଖିଛନ୍ତି - "ଯେଉଁ ତତ୍ତ୍ୱ ମନଇନ୍ଦ୍ରିୟ ଓ ବୁଦ୍ଧିର ପରପାରରେ ଭାବାତୀତ କ୍ଷେତ୍ରରେ ଲୁଚି ରହିଥିଲା ତାହା ପୁରାଣ ମାଧ୍ୟମରେ ସାଧାରଣଙ୍କର ଉପଭୋଗ୍ୟ ହୋଇପାରିଲା।" (ପଣ୍ଡିତ ଶ୍ରୀହରିହର ମିଶ୍ର / ସ୍କନ୍ଦପୁରାଣ / ବ୍ରତଭିକ୍ଷା / ଉତ୍କଳଖଣ୍ଡ) ଅଷ୍ଟାଦଶ ପୁରାଣର ଅନ୍ୟତମ ସ୍କନ୍ଦପୁରାଣରେ କାର୍ତ୍ତିକେୟ ଶିବଙ୍କର ତତ୍ତ୍ୱ ନିରୂପଣ କରିଥିବାରୁ ଏହାର ନାମ ସ୍କନ୍ଦପୁରାଣ। ଏହା ମାହେଶ୍ୱର, ବ୍ରହ୍ମ, ବୈଷ୍ଣବ, କାଶୀ, ରେବା, ତାପୀ ଓ ପ୍ରଭାସ ଭେଦରେ ସାତଖଣ୍ଡ ଏବଂ ଏହାମଧ୍ୟରୁ ବୈଷ୍ଣବଖଣ୍ଡର ଅନ୍ତର୍ଗତ 'ଉତ୍କଳଖଣ୍ଡ'। ଏଥିରେ ପୁରୁଷୋତ୍ତମ କ୍ଷେତ୍ରର ମହିମା, ଉତ୍କଳଦେଶବର୍ଣ୍ଣନ, ଇନ୍ଦ୍ରଦ୍ୟୁମ୍ନ ପ୍ରସଙ୍ଗ, ପୁରୁଷୋତ୍ତମ ବୃତ୍ତାନ୍ତ ବର୍ଣ୍ଣନ, ନୀଳମାଧବ ପ୍ରସଙ୍ଗ, ବିଶ୍ୱାବସୁ ପ୍ରସଙ୍ଗ, ଦାରୁଦେବତା ପ୍ରତିଷ୍ଠା ପ୍ରସଙ୍ଗ ଏବଂ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଯାତ୍ରା ପ୍ରସଙ୍ଗ ବର୍ଣ୍ଣିତ ହୋଇଅଛି। ଆଲୋଚ୍ୟ ପ୍ରବନ୍ଧର କବି ଦୀନଦାସ ସ୍କନ୍ଦପୁରାଣର ଏହି ଉତ୍କଳଖଣ୍ଡରେ ବର୍ଣ୍ଣନା ହୋଇଅଛି। ଆଲୋଚ୍ୟ ପ୍ରବନ୍ଧର କବି ଦୀନଦାସ ସ୍କନ୍ଦପୁରାଣର ଏହି ଉତ୍କଳଖଣ୍ଡରେ ବର୍ଣ୍ଣନା କରାଯାଇଥିବା ଶ୍ରୀଜଗନ୍ନାଥଙ୍କର ଯାତ୍ରାସମୂହ ନିକଟରେ ଅନେକ ପରିମାଣରେ ଋଣୀ। ସ୍କନ୍ଦପୁରାର (ଉତ୍କଳଖଣ୍ଡ) ର ଏକବିଂଶ, ତ୍ରୟୋବିଂଶ, ପଞ୍ଚତ୍ରିଂଶ, ଷଟତ୍ରିଂଶ, ଚତ୍ୱାରିଂଶ, ଏକଚତ୍ୱାରିଂଶ, ଦ୍ୱିଚତ୍ୱାରିଂଶ, ଚତୁଶ୍ଚତ୍ୱାରିଂଶ ଛାନ୍ଦରେ ଯଥାକ୍ରମେ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା, ଗୁଣ୍ଡିଚାଯାତ୍ରା, ବାହୁଡ଼ାଯାତ୍ରା, ଶୟନୁତ୍ସବ, ପୁଷ୍ୟାଭିଷେକଉତ୍ସବ, ମକରଯାତ୍ରା, ଦୋଳଯାତ୍ରା ଇତ୍ୟାଦି ବର୍ଣ୍ଣନା କରାଯାଇଛି। କବି ଦୀନଦାସ ସ୍କନ୍ଦପୁରାଣର ଏହି ଯାତ୍ରାବର୍ଣ୍ଣନା ଅନୁସରଣରେ ରଚନା କରିଛନ୍ତି ଖଣ୍ଡକାବ୍ୟ 'ଯାତ୍ରାକଦମ୍ବ'।

ଯେପରି ବେଦର ନିଗୂଢ଼ ତତ୍ତ୍ୱକୁ ସୁଗମ କରିବାପାଇଁ ସୃଷ୍ଟିହେଲା ପୁରାଣ ସାହିତ୍ୟ, ସେହିପରି କେତେକ ବିଶିଷ୍ଟ କାରଣ ଯୋଗୁ ପୁରାଣ ସାହିତ୍ୟ ପରେ ପରେ ଆସିଥିଲା କାବ୍ୟ କବିତାର ଯୁଗ। କେତୋଟି କାରଣ ଦର୍ଶାଇ ଶ୍ରୀ ବ୍ରଜମୋହନ ମହାନ୍ତି କହନ୍ତି "ଓଡ଼ିଆ ପୁରାଣ ପାଠକଲେ ଯେ ଧର୍ମଲାଭ ହେବ, ଏପରି ବିଶ୍ୱାସ ମଧ୍ୟ ଅନେକଙ୍କର ଜାତ ହୋଇ ପାରିଲା ନାହିଁ। ଅନ୍ୟପକ୍ଷରେ ଓଡ଼ିଶାରେ ବ୍ରହ୍ମ, ବାୟୁ, ନାରଦ, ମାର୍କଣ୍ଡ, ଅଗ୍ନି, ବାମନ, କୂର୍ମ, ମତ୍ସ୍ୟ ଓ ଗରୁଡ଼ ପୂଜାର ବିଶେଷ ପରଂପରା ନଥିବା ହେତୁ ଏହି ପୁରାଣଗୁଡ଼ିକ ଜନମାନସରେ ସୁଦୃଢ଼ ଆସନ ପାତିବା କଷ୍ଟକର ହୋଇପଡ଼ିଲା। (ପୁରାଣ ପରିକ୍ରମା/ଶ୍ରୀ ବ୍ରଜମୋହନ ମହାନ୍ତି) ଏହା ବ୍ୟତୀତ ଓନିଆ କବି ତଥା ପାକମାନେ ଓଡ଼ିଆ କାବ୍ୟସୁନ୍ଦରୀଙ୍କୁ ସଂସ୍କୃତସମ ଏକ ନିର୍ଦ୍ଦିଷ୍ଟରୂପରେ ଅଳଙ୍କାରଯୁକ୍ତା ରସବତୀ ଭାବରେ ଉପଭୋଗ କରିବାକୁ ଚାହିଁଲେ। ତେଣୁ ପୁରାଣ ସାହିତ୍ୟର ଏକ ନିର୍ଦ୍ଦିଷ୍ଟ କଥାବସ୍ତୁ ଅନୁସରଣରେ ଜନ୍ମନେଲା

ହାସ୍ୟଲାସ୍ୟମୟୀ ଅଳଂକୃତା କାବ୍ୟସୁନ୍ଦରୀ। ସେହିପରି ଭାବରେ କାବ୍ୟସୁନ୍ଦରୀ 'ଯାତ୍ରାକଦମ୍ବ'ର ସୃଷ୍ଟି। ସ୍କନ୍ଦପୁରାଣର ଅନୁସରଣରେ ଏହା ରଚନା କରାଯାଇଥିଲେ ମଧ୍ୟ କାବ୍ୟସୁଲଭ ବିଭିନ୍ନ ଗୁଣାବଳୀ ଏହାର ବୈଶିଷ୍ଟ୍ୟ।

କବି ଦୀନଦାସ କାବ୍ୟାରମ୍ଭରେ ଇଷ୍ଟସ୍ତୁତି, ସାଧୁବନ୍ଦନା, କାବ୍ୟର ଆଲୋଚ୍ୟବିଷୟ ବର୍ଣ୍ଣନା କରିସାରିବା ପରେ ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି। ଏହି କ୍ଷେତ୍ରରେ ଅଧମ କାକ ଚତୁର୍ଭୁଜ ହୋଇଥିଲା। ଏହି କ୍ଷେତ୍ରର ମହିମାବର୍ଣ୍ଣନା କରିବା ପାଇଁ ବେଦ ଅକ୍ଷମ ଏବଂ ଏହି କ୍ଷେତ୍ରରେ କୃତାନ୍ତର କୌଣସି କର୍ତ୍ତୃତ୍ୱ ନଥାଏ। ସେହି କ୍ଷେତ୍ରର ପତ୍ରିଷ୍ଠିତ ଦେବତା ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ମହିମା ଏବଂ ଯାତ୍ରା ସମୂହ ବର୍ଣ୍ଣନା କରିବା ପାଇଁ ସେ ଇଚ୍ଛାପ୍ରକାଶ କରିଛନ୍ତି। ବିଶେଷକରି ସେ ଏହି ରଚନାରେ ସ୍ନାନଯାତ୍ରା, ଗୁଣ୍ଡିଚାଯାତ୍ରା, ରଥରକ୍ଷାବିଧି, ଦକ୍ଷଣାୟନ ଉତ୍ସବ, ଓଢ଼ଣ ଉତ୍ସବ, ଦୋଳ ଉତ୍ସବ ଇତ୍ୟାଦି ବର୍ଣ୍ଣନା କରିଛନ୍ତି। ପ୍ରଥମେ ସ୍ନାନଯାତ୍ରା ଉତ୍ସବ ବର୍ଣ୍ଣନା କରିଛନ୍ତି।

'ଯାତ୍ରାକଦମ୍ବ'ରେ ଦୀନଦାସ ଅନୁରୂପ ଭାବରେ ବର୍ଣ୍ଣନା କରିଛନ୍ତି। ସ୍ନାନଯାତ୍ରା ଆରମ୍ଭ କରିବା ପାଇଁ ପରମଭକ୍ତ ଇନ୍ଦ୍ରଦ୍ୟୁମ୍ନ ନୃପତି ଆଜ୍ଞା ଦେଇଛନ୍ତି ବୋଲି ସେ ବର୍ଣ୍ଣନା କରିଛନ୍ତି। ଜ୍ୟେଷ୍ଠପୂର୍ଣ୍ଣିମା ପୂର୍ବଦିନ ମଞ୍ଚ ମଣ୍ଡନ ଆଦି ବିଧାନ କଲାପରେ ସ୍ୱର୍ଣ୍ଣଘଟରେ ଜଳଆଣି ଚତୁର୍ଦ୍ଦଶୀଦିନ ନିଶା ଅର୍ଦ୍ଧରେ ଅଧିବାସ କରିବ। ଠାକୁରଙ୍କର ସ୍ନାନମଣ୍ଡପକୁ ଗମନକାଳୀନ ଦୃଶ୍ୟ ବର୍ଣ୍ଣନା କରି କବି ଲେଖିଛନ୍ତି –

"ତହୁଁ ମନ୍ଦେ ମନ୍ଦେ ଶ୍ରୀବଳଦେବ
ଆଗେ କରି ଜଗନ୍ନାଥଙ୍କୁ ନେବ
ସୁଭଦ୍ରା ସୁଦରଶନ ସହିତେ
ତୂଳି ଉପରେ ରଖିଣ କିଞ୍ଚିତେ
ଝୁଲି ଝୁଲି ବିଜେ କରିବା ଭଙ୍ଗି
ମହାଯୋଗୀ ଯୋଗ ଦିଅଇ ଭାଙ୍ଗି"

ଏହିପରି ଭାବରେ ସ୍ନାନମଣ୍ଡପରେ ବିଜେ କଲାପରେ ସ୍ନାନକାର୍ଯ୍ୟ ଏବଂ ଝୀନବସନ ଦ୍ୱାରା ବେଶ ସମାପନ କରିବ। କେବଳ ମୁଖ ବ୍ୟତୀତ ଅନ୍ୟସବୁ ଅଙ୍ଗ ଆଚ୍ଛାଦିତ ହୋଇ ରହିବ। ଏହି ସମୟରେ ଦର୍ଶନ କଲେ ସମସ୍ତ ମନୋକାମନା ପୂର୍ଣ୍ଣ ହୁଏ ବୋଲି କବି କହିଛନ୍ତି। ପ୍ରଭୁଙ୍କର ସ୍ନାନ ସମାପନ ପରେ ଷଡ଼ରସ ଭୋଜନ ପ୍ରଦାନ କରିବାକୁ କବି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଦିବା ଅନ୍ନବ୍ୟଂଜନ, ଖିରୀ, ଖିରୀସା, ଖେଚଡ଼ି, ମୁଗ, ମରିଚପଣା, ଶାଗଭଜା, ଶାକରା, ଲଡୁ, ବଡ଼ା, ଦିବ୍ୟଗଜା, ପଣା, କାନ୍ତିସର, ରସାଳପଣସ, କୋରା, ଶାକର ଏପରିକି ଭୋଜନ ପରେ ବିଡ଼ିଆଲାଗି ପର୍ଯ୍ୟନ୍ତ କବି ବର୍ଣ୍ଣନା କରିଛନ୍ତି। ସେହିପରି ଶ୍ରୀଗୁଣ୍ଡିଚା ଯାତ୍ରା ପ୍ରସଙ୍ଗରେ ଅକ୍ଷୟତୃତୀୟା ଦିନ ନିୟମାନୁଯାୟୀ ବନଯୋଗ ସାରି ବିଶ୍ୱକର୍ମା ପୂଜା ସହିତ ମଙ୍ଗଳଘୋଷ ପୂର୍ବକ ଗଣନାଥଙ୍କୁ ଆରାଧନା କରି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ବିଷୟ କବି ବର୍ଣ୍ଣନା କରିଛନ୍ତି। ବିଭିନ୍ନ ରଥର ନିର୍ମାଣ ପଦ୍ଧତି ମଧ୍ୟ ବର୍ଣ୍ଣନା କରାଯାଇଛି। ତିନି ଠାକୁରଙ୍କର ରଥ ଗମନକାଳୀନ ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ। କବି ବର୍ଣ୍ଣନା କରିଛନ୍ତି –

"ଘଣ୍ଟା ମଧୁର ଶବଦହୋଯେ ସେକାଳେ
ଆଗେ ବିଜେ କରିଛନ୍ତି ବଳଭଦ୍ର ତାଳେ
ତହୁଁ ଶ୍ରୀପତି ଭଦ୍ରା ସଙ୍ଗେ ଆସନ୍ତି
ଦରଶନେ ମଜ୍ଜିଛନ୍ତି ଦେବତା ପତି। ୧୯।
ଘୁଂ ଘୁଂ କଟ କଟ ଧ୍ୱନି କରିଣ ତହିଁ,
ତିନିରଥ ରାଜପଥେ ଗମନ ବିହି"।

(୩ୟ ଛାନ୍ଦ/ଯାତ୍ରାକଦମ୍ବ)

ଏହି ବର୍ଣ୍ଣନା ମନେପକାଇଦିଏ ବ୍ରଜନାଥ ବଡ଼ଜେନାଙ୍କ 'ଗୁଣ୍ଡିଚାବିଜେ'ର ତାଳଧ୍ୱଜ, ନନ୍ଦୀଘୋଷ ତଥା ଦେବଦଳନ ରଥଚଳନ ଜନିତ ଶବ୍ଦ।

ଏହା ବ୍ୟତୀତ ଗୁଣ୍ଡିଚା ମଣ୍ଡପ ବର୍ଣ୍ଣନା, ଲକ୍ଷ୍ମୀଙ୍କର ରୋଷ, ରଥ ରକ୍ଷା ବିଧି, ବାହୁଡ଼ାଯାତ୍ରା, ଲକ୍ଷ୍ମୀନାରାୟଣ କଳି ଇତ୍ୟାଦି କବିଙ୍କ ଲେଖନୀରେ ଚମତ୍କାର ରୂପ ଧାରଣ କରିଛି। ଏହା ବ୍ୟତୀତ ଶୟନ ଉତ୍ସବ, ଦକ୍ଷିଣାୟନ ଉତ୍ସବ, ଓଢ଼ଣ ଉତ୍ସବ, ଉତ୍ତରାୟଣ ଉତ୍ସବ ଓ ପାର୍ଶ୍ୱପରିବର୍ତ୍ତନ ଉତ୍ସବର ବର୍ଣ୍ଣନା "ଯାତ୍ରାକଦମ୍ବ" କାବ୍ୟଟିକୁ ଅତ୍ୟନ୍ତ ସାଫଲ୍ୟମଣ୍ଡିତ କରିଛି। କାବ୍ୟଟି ଆମୂଳାନ୍ତ ଭକ୍ତିରସ ପରିପୂର୍ଣ୍ଣ। ପାଠକ, ଭକ୍ତ, ଜ୍ଞାନୀ, ଗୁଣି ଏହାକୁ ପାଠ କଲାବେଳେ ସେ ନିଜକୁ ଏହି କାବ୍ୟ ସାଗରର ଭକ୍ତି

ଜଳରେ ନିମଜ୍ଜିତ କରେ । ପୁଣି ମଙ୍ଗଳଗୁଜ୍ଜରୀ, ଆଷାଢ଼ଶୁକ୍ଳ, ଦେଶାକ୍ଷ, ଆହାରୀ, ଚକ୍ରକେଳୀ, କଳସା, ବଙ୍ଗଳାଶ୍ରୀ ଆଦି ବିଭିନ୍ନ ରାଗରେ ଏହି କାବ୍ୟର ଛାନ୍ଦଗୁଡ଼ିକ ରଚନା କରାଯାଇଥିବାରୁ ଏହା ଆପାତତଃ ସୁଖପାଠ୍ୟ ହୋଇପାରିଛି । ଏହାର ସାଙ୍ଗୀତିକତା ବିଷୟରେ ଦ୍ୱିମତ ହେବାର ନୁହେଁ ।

'ଯାତ୍ରାକଦମ୍ବ'ର ଅନ୍ୟ ଏକ ବିଶିଷ୍ଟ ଦିଗ ହେଉଛି ଏହି କାବ୍ୟ ପ୍ରସଙ୍ଗରେ ପ୍ରକାଶ ପାଇଥିବା ଓଡ଼ିଶୀ ଭାବଧାରା । କବି ଦୀନଦାସ ମାନବିକତାର ଆରୋପ କରିଛନ୍ତି ଶ୍ରୀଜଗନ୍ନାଥଙ୍କ ଠାରେ । ସତେ ଯେପରି ଜାଗତିକ ମଣିଷଭଳି କାଳିଆ ବିଜେ କରିଛି ନୀଳାଚଳରେ । ଏତେପରିମାଣରେ ମାନବିକତାର ଆରୋପଣ ସ୍କନ୍ଦପୁରାଣରେ ଦେଖାଯାଏ ନାହିଁ । ଜାଗତିକ ମଣିଷ ନିଜର ଚାଲିଚଳଣୀ ରୀତି, ନୀତି, ଆଚାର, ବ୍ୟବହାର ଖାଦ୍ୟପୋଷାକ ଅନୁରୂପ ଜଗନ୍ନାଥଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଛି । ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା, ସ୍ନାନଯାତ୍ରା, ପତ୍ନୀ ଲକ୍ଷ୍ମୀଦେବୀଙ୍କ ସହ କଳି, ଶୀତକାଳରେ ବସ୍ତ୍ର ପରିଧାନ, ଶୟନ ପାର୍ଶ୍ୱପରିବର୍ତ୍ତନ ତଥା ଚନ୍ଦନଯାତ୍ରାରୁ ଏହା ସ୍ପଷ୍ଟରୂପେ ଜଣାପଡ଼େ । ମଣିଷ ନିଜ ଖାଦ୍ୟ ଅନୁରୂପ ଶ୍ରୀଜଗନ୍ନାଥଙ୍କୁ ପ୍ରଦାନ କରନ୍ତି ଖିରୀ, ଖିରୀସା, କାକରା, ଆରିସା, ଲଡୁ ପୁଣି ସେ ପ୍ରଦାନ କରିଛି ଗନ୍ଧ, ଧୂପ, ଦୀପ, ନୈବେଦ୍ୟ । ଏପରିକି ଭୋଜନ ପରେ ତାମ୍ବୁଳ ପ୍ରଦାନ କରିବା ପାଇଁ ମଧ୍ୟ ସେ ଭୁଲିଯାଇ ନାହିଁ । ତେଣୁ ଏହିସବୁ ବର୍ଣ୍ଣନାରୁ ଓଡ଼ିଆ ଘରର ଚଳଣୀ ବିଷୟରେ ସ୍ପଷ୍ଟ ଅନୁଭବ କରିହୁଏ ।

କାବ୍ୟ ବର୍ଣ୍ଣନା ପ୍ରସଙ୍ଗରେ କାବ୍ୟକାରଙ୍କର ନିଷ୍ଠା ତଥା ଭକ୍ତି ବିଷୟରେ ମଧ୍ୟ ଅନୁମାନ କରିହୁଏ । ବିଭିନ୍ନ ଯାତ୍ରା ପ୍ରସଙ୍ଗରେ କବି ବାରମ୍ବାର ସାଂସାରିକ ମଣିଷଙ୍କୁ ସତର୍କ କରାଇ ଦେଇଛନ୍ତି ଯେ ଯାତ୍ରା ଦର୍ଶନ କଲେ ପାପ ନଷ୍ଟ ହୁଏ, ପୁଣ୍ୟ ପ୍ରକାଶିତ ହୁଏ ଏପରିକି ଜନନୀର ଗର୍ଭରେ ଆଉ ଆଶ୍ରୟ ନେବାକୁ ପଡ଼େନାହିଁ । ସ୍କନ୍ଦପୁରାଣରେ ଲେଖାଅଛି –

"ସେ ଯଦି କରଇ ସ୍ନାନମଂଚେ ଦରଶନ
ତାହାରି ସକଳ ପାପ ହୁଅଇ ଦହନ
ଜନନୀର ଗର୍ଭଜଳେ ସେ ନକରେ ସ୍ନାନ
ଏ କଥା ନିଶ୍ଚୟ ଶୁଣିଥାଅ ଋଷିଗଣ ।"

ଅନୁରୂପ ଭାବରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଯାତ୍ରା ଦର୍ଶନ କାଳରେ ଗୋହତ୍ୟା, ବ୍ରହ୍ମହତ୍ୟା ନାଶହୁଏ ଏବଂ ଆତ୍ମା ବିଷ୍ଣୁଲୋକ ଗମନ କରେ ବୋଲି କବି ବର୍ଣ୍ଣନା କରିଛନ୍ତି । 'ଯାତ୍ରାକଦମ୍ବ' ଶ୍ରୀଜଗନ୍ନାଥଙ୍କର ବାରଯାତ୍ରାକୁ କେନ୍ଦ୍ରକରି ପରିପୃଷ୍ଟ ହୋଇଥିବା ଏକ ଖଣ୍ଡକାବ୍ୟ ହେଲେ ମଧ୍ୟ ଏହା ଯେ ବିଭିନ୍ନ କାବ୍ୟକ ବିଭାଗରେ ବିଭାସିତ ଏକ କଳ୍ପବଟ ଏଥିରେ ସନ୍ଦେହ ନାହିଁ ।

*- ଡ଼ିଏନ.ଜି.ସି. (୧), ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ*
*ଭୁବନେଶ୍ୱର*

# ହତ୍ୟାକାରୀ

*ରାଜେନ୍ଦ୍ର କୁମାର ରାଉଳ*

ଏମିତି ହିଁ ଆସିପାରେ ବର୍ଷା - ଅଚାନକ, ଆଖି ପିଛୁଳାକେ ! ଆପଣାଛାଏଁ ଭିଜିଯାଏ ହୃଦୟ । ଅବଶ୍ୟ ତନୁରେ ଆଉ ଶୀତ୍କାର ତୋଳେ ନାହିଁ ବେପଥୁ । ସ୍ମୃତିରେ ନାତିଶୀତୋଷ୍ଣ ଶିହରଣଟାଏ ଖେଳିଯାଏ ଯାହା।

ଝୁଙ୍କିପଡ଼ି ଝରକା କବାଟ ସବୁକୁ ସଶବ୍ଦେ ବନ୍ଦ କରିଦେଲେ ସୀତାନାଥ। ୱିଣ୍ଡୋପାନ୍‌ଗୁଡ଼ିକରୁ ପରଦା ହଟେଇ ଦେଲେ ବାହାରେ ଅନ୍ଧାରର ପଟୁଆର ନେଇ ଆସିଥିବା ବର୍ଷାର ଚପଳ ଛନ୍ଦକୁ ମନଭରି ଉପଭୋଗ କରିବା ଲାଗି। ସେଲ୍‌ଫରୁ ହାତ ବଢ଼େଇ ଟାଣି ଆଣିଲେ, କ୍ରମଶଃ ପରିତ୍ୟକ୍ତ ହେବାକୁ ବସିଥିବା ତାଙ୍କ ତରୁଣ ଜୀବନର ଖଣ୍ଡେ ରୋମା□କର କ୍ଲାସିକ୍ ଶିକାର-ସମ୍ବଳିତ-ଉପନ୍ୟାସ। ଜିମ୍ କରବେଟ୍‌ଙ୍କ - ରୁଦ୍ରପ୍ରୟାଗର ନରଖାଦକ। ବର୍ଷାବେଳେ ବହି ପଢ଼ିବାର ମଜା ବେଶ୍ କିଛି ନିଆରା, ନୁହେଁ ?

ପୃଷ୍ଠା ଖୋଲିଲେ।

ଠକ୍ --- ଠକ୍ --- ଠକ୍ !

ଭାବନାରେ ପୂର୍ଣ୍ଣଛେଦ ପଡ଼ିଲା ସୀତାନାଥଙ୍କର। କାନ ପାରିଲେ - ହଁ, ତାଙ୍କରି ଦରଜାରେ ହିଁ କେହି କରାଘାତ କରୁଛି।

କିଏ ହେଇପାରେ, ଏପରି ଅବେଳରେ !

ସୁମିତ୍ରା !!!

ନା, କେବେ ନୁହେଁ.... କେବେ ବି ନୁହେଁ। ଏଭଳି ଏକାନ୍ତ ମୁହୂର୍ତ୍ତରେ ପତ୍ନୀ ସୁମିତ୍ରାଙ୍କର ଆଉ ତାଙ୍କଠାରେ କୌଣସି ଆବଶ୍ୟକତା ପଡ଼େ ନାହିଁ। ଆବଶ୍ୟକତା ଅଥବା ଲୋଡ଼ିବାପଣର ବୟସଟା ଯା ମଧ୍ୟରେ ଅତିକ୍ରମୀ ଗଲାଣି ଅନେକ --- ଅନେକ ଦୂର। କୌଣସି ଏକ୍ଲ ଅପରାହ୍ନରେ ସୁମିତ୍ରା ଆଉ ତାଙ୍କୁ ଲୋଡ଼ି ବସନ୍ତି ନାହିଁ କି ଭିଜା ଶ୍ରାବଣର ବିଭୋର ଆକାଶରୁ ଦେଖି ସେ ଆଉ ସୁମିତ୍ରାଙ୍କର ଅଭାବ ଅନୁଭବ କରନ୍ତି ନାହିଁ।

ତେବେ ନାତୁଣୀ ସ୍ନିଗ୍ଧା !

ହୁଏତ ହେଇପାରେ ସେଇ --- ସ୍ନିଗ୍ଧା ! ବୃଦ୍ଧ ଜେଜେର ନିଃସଙ୍ଗତାକୁ ଦୂର କରିବା ପାଇଁ ଅଦିନ ବର୍ଷାର ଅଭିସାରକୁ ଖାତିର ନକରି ସେ ଛୁଟି ଆସିଛି କି ଆଦ୍ୟ ଆଷାଢ଼ର ମୌସୁମୀଟିଏ ସାଜି !

ଗପୁଡ଼ି ଝିଅଟେ ସ୍ନିଗ୍ଧା। ବଡ଼ପୁଅ ମୃଣାଳର ଝିଅ। ଉତ୍କଳ ୟୁନିଭର୍ସିଟିରେ ଲାଙ୍ଗୁଏଜ୍ ଉପରେ ରିସର୍ଚ୍ଚ କରୁଛି। ଏବେ ସେ ହିଁ ବେଳେବେଳେ ଆସେ। ଅସୁମାରି ଗପର ପସରା ଲମ୍ବାଏ। ତା'ଗାଇଡ୍‌ଙ୍କ କଥା କହେ। ତା'ପ୍ରେମରେ ଉବୁଟୁବୁ ହେଉଥିବା ଶାନ୍ତି ନିକେତନର କୋଉ ଟୋକା ଗବେଷକ ଦିନକୁ ଅତିକମ୍‌ରେ ଦଶଥର ଏସ୍‌ଏମ୍‌ଏସ୍ କରୁଛି - ସେହିକଥା କହି ନିଜେ ବେଦମ୍ ହସେ ଓ ତାଙ୍କୁ ବି ବେଦମ୍ ହସାଏ। ସୀତାନାଥ କୃତାର୍ଥ ହୁଅନ୍ତି ଓ ସ୍ନିଗ୍ଧାର ସରଳ ନିରୀହପଣ ଭିତରେ ଭାସିଯାଇ ନିଜର ଗତାୟୁ ଅତୀତକୁ ଖୋଜି ବସନ୍ତି।

ହଁ, ହୁଏତ ସେ ହିଁ ଆସିଥାଇପାରେ !

କବାଟ ପାଖରେ ପହଞ୍ଚିଲେ କୌତୂହଳୀ ସୀତାନାଥ। ଆସ୍ତେ କରି ଉହୁଁକି ପଡ଼ିଲେ କବାଟର ଗବାକ୍ଷ ପାଖକୁ। ଚକିତ ହେଲେ - ସ୍ନିଗ୍ଧା ନୁହେଁ କି ସୁମିତ୍ରା ବି ନୁହଁନ୍ତି। ବରଂ ସେମାନଙ୍କ ଶୂନ୍ୟସ୍ଥାନ ପୂରଣ କରି ସେହି ସ୍ଥାନରେ ଛିଡ଼ା ହୋଇଛି କେହି ଜଣେ ଆଗନ୍ତୁକ --- ପଚିଶ ତିରିଶ ବର୍ଷର ଜଣେ ଉଦ୍ଦାମ ଯୁବକ !

ଆଶ୍ଚର୍ଯ୍ୟ ହେଲେ - କିଏ ହେଇପାରେ ଯେ ? କୌଣସି ସମ୍ବାଦ ସରବରାହ ସଂସ୍ଥାର ସାମ୍ବାଦିକ ଅଥବା ଚାରିଟେବଲ ଟ୍ରଷ୍ଟର ସ୍ୱେଚ୍ଛାସେବୀ !

କବାଟ ଖୋଲିଲେ। ଯଥାସମ୍ଭବ ନିଜକୁ ନିର୍ବିକାର ରଖି ପଚାରିଲେ - କିଏ ତୁମେ ବାପା ?

ଉତ୍ତର ଦେବାର ସାମାନ୍ୟତମ ସୌଜନ୍ୟ ବି ନ ଦେଖେଇ ଯୁବକ ନିଜ ପଲିଥିନ୍ ପ୍ୟାକେଟ୍‌ରୁ ବାହାର କରି ତାଙ୍କ ହାତକୁ ବଢ଼େଇ ଦେଲା ଦୁଇଖଣ୍ଡ ଚାରିଭାଙ୍ଗର କାଗଜ। ଗୋଟିଏ ଖବରକାଗଜ କଟିଂ ଏବଂ ଅନ୍ୟଟି

ସଫେଦ କାଗଜର ଏକ ମାମୁଲି ଚିରକୁଟ୍।

ବିସ୍ମିତ ସୀତାନାଥ ଭଲକରି ଚାହିଁଲେ ସେଇ ଆଗନ୍ତୁକ ଯୁବକକୁ। ପତଳା ଗଢ଼ଣ। ଭଗ୍ନ ସ୍ୱାସ୍ଥ୍ୟ। ଦୁଇ ଆଖିର ନିମ୍ନାଂଶରେ ଚିନ୍ତାର ବଳିରେଖା। ଅପରିଚ୍ଛନ୍ନ ପରିଧାନ, ଅବଶ୍ୟ ସ୍ୱେଚ୍ଛାକୃତ ନୁହେଁ --- ସ୍ୱତଃପ୍ରବୃତ୍ତ ! ତଥାପି କେମିତି ଚିହ୍ନା ଚିହ୍ନା ଲାଗୁଛି ମୁହଁଟା। ମନେ ମନେ ଉଚ୍ଚାରଣ କଲେ – କିଏ ତେବେ ଯେ ?

ପର ମୁହୂର୍ତ୍ତରେ ଚାରିଭାଙ୍ଗର ସଫେଦ କାଗଜକୁ ଖୋଲି ଦେଖି ଏକ ପ୍ରକାର ଚିତ୍କାର କରି ଉଠିଲେ – ବଂଶୀ... ବଂଶୀ... ତୁମେ ବଂଶୀଧର !

"ମୁଁ ବଂଶୀଧର ନୁହେଁ ସାର୍। ମୁଁ ବେଣୁ .... ବେଣୁପାଣି।"

"ଓଃ ୟେସ୍, ବେଣୁପାଣି। ତଥାପି ଚଳିବ। ବଂଶୀଧର ଆଉ ବେଣୁପାଣି ମଧ୍ୟରେ ତଫାତ୍ କେତେ ? କେତେ ବା ଦୂରତ୍ୱ !"

ବଂଶୀଧର ଏବଂ ବେଣୁପାଣି ମଧ୍ୟରେ ସୀତାନାଥଙ୍କର ସମନ୍ୱୟ ଅନ୍ୱେଷଣ ଯୁବକର ବିଷର୍ଣ୍ଣ ଓଠଧାରରେ ଖେଳେଇ ଦେଲା ଚେନାଏ ହସର ମ୍ଲାନରେଖା। କିନ୍ତୁ ସେ ହସ ଲାଗୁଥିଲା ଦୁଃଖଠାରୁ ବି ଆହୁରି କରୁଣ --- ଅଧିକ ବେଦନାଦାୟକ।

ସୀତାନାଥ ମନେ ପକଉଥିଲେ – ପାର୍ବଣ ଲାଗି ଗ୍ରାମକୁ ଫେରୁଥିବା ବେଳେ ଆନମନା ହୋଇ ସେ ଓହ୍ଲେଇ ପଡ଼ିଥିଲେ ଭଦ୍ରକରେ। ସେଠାରେ ସେ ପାଠ ପଢ଼ିଥିଲେ। ଅତିବାହିତ କରିଥିଲେ ତାଙ୍କ ଆଦ୍ୟ ଯୌବନର ଅର୍ଦ୍ଧାଧିକ ସମୟ। ତେବେ କେମିତି ନୂଆ ନୂଆ ମନେ ହୋଇଥିଲା ଭଦ୍ରକ। ବହୁ ଏକାନ୍ତ ମୁହୂର୍ତ୍ତ ସାଥୀ ହୋଇ କଟେଇଥିବା ପ୍ରିୟତମାର ପତ୍ନୀ ବେଶ ଦର୍ଶନ କରିବା ପରି -- ବିଭୋର .... ରୋମାଞ୍ଚକର ! ତଥାପି ଦୁଇ ଦଶନ୍ଧି ତଳର ଭଦ୍ରକୀ ବାସ୍ନା ତାଙ୍କ ଭିତରେ ସେମିତି ଅକ୍ଷୁର୍ଣ୍ଣ ରହିଥିଲା, ଉଚ୍ଚାଟନ ସୃଷ୍ଟି କରୁଥିଲା। ତେଣୁ ତ ସେ ଖୋଜି ବୁଲୁଥିଲେ ତାଙ୍କର ସହପାଠୀ ଓ ସହୃଦ ମହୋ ମୋହନ ଦତ୍ତଙ୍କୁ --- ଦୁଇ ଦଶନ୍ଧି ତଳର ସେ ପୂର୍ବ ଠିକଣାରେ ।

ବିନା ଆୟାସରେ ମହୋ ଦତ୍ତ ର ଘର ମିଳିଗଲା ତାଙ୍କୁ। ହେଲେ ଦୀର୍ଘଦିନର ବ୍ୟବଧାନ ପରେ ସୀତାନାଥଙ୍କର ଏଭଳି ଅଭାବିତ ଆବିର୍ଭାବ ମହୋ ଦତ୍ତ ପାଇଁ ଥିଲା ଆନନ୍ଦ, ଆଶ୍ଚର୍ଯ୍ୟ ଓ ଅବିଶ୍ୱାସର ହେତୁ।

ସେଇଥିପାଇଁ ତ ସୀତାନାଥଙ୍କୁ ଅଚାନକ ନିଜ ଦ୍ୱାର ସମ୍ମୁଖରେ ଆବିଷ୍କାର କରି ମହେଶ ଖାଲି ଆଶ୍ଚର୍ଯ୍ୟ ହେଲା ନାହିଁ, କେମିତି କୃତାର୍ଥ ମନେକଲା ନିଜକୁ। ପରସ୍ପରକୁ ଆଲିଙ୍ଗନାବଦ୍ଧ କରୁଥିବା ବେଳେ ସୀତାନାଥ ଗୁଣୁଗୁଣୁ ହେଇ କହୁଥିଲେ – ନିର୍ଭେଜାଲ ଭଲ ପାଇବାର କିଛି ସ୍ୱତନ୍ତ୍ର ଆକର୍ଷଣୀ ଶକ୍ତି ଅଛି ମହେଶ। ନ ହେଲେ ଦୁଇ ଦଶନ୍ଧି ପରେ ହଠାତ୍ ତୋ ପାଇଁ ମୁଁ ଏପରି ଉଚ୍ଚାଟ ହୋଇ ଉଠିଥାନ୍ତି କାହିଁକି ?

ମହେଶ ଦତ୍ତ ର ଆଗ୍ରୋଫାର୍ମ ବୁଲି ଦେଖୁଥିଲେ ସେ। ଅର୍ଥନୀତିର ଗହନ କୌଣ୍ଟୁ ବୁଝିପାରୁ ନ ଥିବା ମହେଶ ଶେଷରେ ସ୍ୱାବଲମ୍ବୀ ହେବା ପାଇଁ କୃଷିକୁ ହିଁ ଆପଣେଇ ନେଇଥିଲା। ଏକାଧିକ ଏକର ବ୍ୟାପୀ କ୍ଷେତରେ ଶାରଦ ଧାନର କୋମଳ ସବୁଜିମା କେମିତି ମୁଗ୍ଧକର ମନେ ହେଉଥିଲା।

ଦିନେ ସେ ବି ବାପାଙ୍କ ସାଥିରେ କ୍ଷେତକୁ ଯାଉଥିଲେ। ବାପାଙ୍କ ପାଦ ସହ ପାଦ ମିଳାଇ ଖତ ଫିଙ୍ଗୁଥିଲେ। ବିହନ ବୁଣୁଥିଲେ। ଘାସ କାଢୁଥିଲେ। ଧାନଗଛ ତଳେ ଜମି ରହିଥିବା ତୁହୁତୁହୁକା ଉହୁଆଣି ପାଣିରୁ ମାଛ ଧରିବାକୁ ଯାଇ ଚେଙ୍ଗ, ଗଡ଼ିଶା, କଇ, ମହୁରାଳିଙ୍କ ପଛରେ ଧାଇଁ ବୁଲୁଥିଲେ। ଶିଶିର ସ୍ନିଗ୍ଧ ସକାଳର ନିରୀହପଣ ପରି ଧାନଖୋଜ୍ ଅଗରେ ଜମି ରହିଥିବା କାକରବୁନ୍ଦା ସବୁଜ ହାତରେ ତୋଳିଆଣି ନିଜର ଆଖିପତାକୁ ଭିଜେଇ ଦଉଥିଲେ। ବାପା କିନ୍ତୁ ଆକଟକରି କହୁଥିଲେ – କାକରରେ ଭିଜନାରେ, ସର୍ଦ୍ଦି ହୋଇଯିବ।

ମହେଶ କାନ୍ଧରେ ହାତ ଥାପି କହିଲେ ସୀତାନାଥ – ଏଇ ଫାର୍ମହାଉସ୍ ଭିତରେ ମୋର ଆଜି ରାତି ରହଣିର ବ୍ୟବସ୍ଥା କରି ଦିଅନ୍ତୁ ନାହିଁ ମହେଶ। ଅନ୍ତତଃ ରାଜଧାନୀର କଂକ୍ରିଟ କୋଳାହଳ ଆଉ ରାସାୟନିକ ବାସ୍ନାରେ ଶିଥିଳ ପଡ଼ିଆସିଥିବା ମୋ ପ୍ରାଣ କୋଷିକା ଏଇ ନିରୀହ ଧାନ ଫୁଲର ବାସ୍ନାରେ ପୁରିଥରେ ସତେଜ ହୋଇ ଉଠନ୍ତା। ହେଉ ପଛକେ ରାତିକ ପାଇଁ !

ତାହା ହିଁ ହେଲା। ମହେଶ ଦତ୍ତ ର ଫାର୍ମହାଉସ୍ ଭିତରେ ଶୋଇ ମୁକୁଳା ଝରକା ଫାଙ୍କରୁ ସୀତାନାଥ ଦେଖିଲେ ଶରତ ଆକାଶର ଲାଜେଇ ଜହ୍ନକୁ। ଅନୁଭବ

କଲେ - ଜହ୍ନ ଧଉଳା ଧାନଗଛ ଏବଂ କାକରଭିଜା ପବନର ଅକୃପଣ ଭଲ ପାଇବାକୁ । କେଉଁ ଦୂର ଗହନ ଧାନବୁଦା ଭିତରୁଭାସି ଆସୁଥିବା ଝିଙ୍କାରିର ତାଳହୀନ ସଙ୍ଗୀତ ତାଙ୍କ ଆଖିରେ ମାଖି ଦେଇଥିଲା ପ୍ରଶାନ୍ତିର ଅସୁମାରି ଅଞ୍ଜନ । ନିଦ ଭାଙ୍ଗି ଉଠିବା ବେଳକୁ ବାତାବରଣରେ ଚହଟୁଥିଲା ବଂଶୀର ପ୍ରାଣ-ଉଚ୍ଛଳ-ମୂର୍ଚ୍ଛନା, ବେଢାଏ ସୁଗନ୍ଧ ପୁଷ୍ପର ସୁରଭି ଭଳି ।

"କୌଣସି ଯାନ୍ତିକ ମାଧମ ଏଇ ପ୍ରଭାତୀ ମୂର୍ଚ୍ଛନାର ଉତ୍ସ ହେଇ ନ ପାରେ !!!"

ମନକୁମନ କହିଲେ ଓ ମନ୍ତ୍ରମୁଗ୍ଧ ଭଳି ପଦାକୁ ଗୋଡ଼ କାଢ଼ିଲେ । ଯେମିତି ସମ୍ମୋହିତ ସେ । ବଂଶୀର ରାଗିଣୀ ଦେଇ କିଏ ଯେମିତି ସ୍ତମ୍ଭନ, ଉଚ୍ଚାଟନ ଓ ବିମୋହନର ମନ୍ତ୍ର ଫୁଙ୍କୁଛି ତାଙ୍କୁ ହିଁ ଉପଲକ୍ଷ୍ୟ କରି । ଉତ୍ସ ଠାବ ନ କରିବା ଯାଏ ହୃଦୟର ଅଥୟତା କ୍ଷାନ୍ତ ହେବ ନାହିଁ ଅବା !

ସାମ୍ନାରେ ବିଶାଳ ଏକ ନିମ୍ବଗଛ । ତା'ର ପ୍ରଶସ୍ତ ଶିକଡ଼ ଉପରେ ପୂର୍ବମୁଖା ହୋଇ ବସିଛି ଜଣେ ତରୁଣ । ଷାଠିଏ ଦଶକର ହିପ୍‌ପୀ ଯୁବଗୋଷ୍ଠୀ ଭଳି ପ୍ରଲମ୍ବିତ କେଶ ଆସି ଲୋଟି ପଡିଛି ପିଠି ଉପରେ । ନିସ୍ପନ୍ଦ ଦୀପଶିଖାର ନିଷ୍ଠା ନେଇ ଭୈରବ ମୂର୍ଚ୍ଛନା । କୋମଳ ରିଷଭ, କୋମଳ ଧୈବତ ଶୁଦ୍ଧ ନିଷାଦର ଚମତ୍କାର ମିଳନ ।

କେବେ ଦିନେ ବାପା ତାଙ୍କୁ ନେଇ ବସେଇ ଦେଇଥିଲେ ଗାଁ ଓସ୍ତାଦ୍‌ଙ୍କ ଆଖଡ଼ାରେ । ସେଇଠି ଗୁରୁ ବତେଇ ଦେଇଥିଲେ, କୋମଳ ରିଷଭ, କୋମଳ ଧୈବତ ସହିତ ଶୁଦ୍ଧ ଗାନ୍ଧାର ଏବଂ ଶୁଦ୍ଧ ନିଷାଦ ମିଶିଲେ ହୁଏ ଭୈରବ ରାଗ ଆଉ ସେହି ରାଗକୁ ଗାୟନ କରାଯାଏ ଦିନର ପ୍ରଥମ ପ୍ରହରରେ - ସ୍ୱଚ୍ଛ ପ୍ରଭାତର !

ତନ୍ମୟ ହୋଇ ସେହି ଧୂନ୍‌ର ମାଦକତାରେ ତଲ୍ଲୀନ ହୋଇଯାଆନ୍ତି ଉତ୍ତର ଷାଠିଏର ଅବସରପ୍ରାପ୍ତ ମନସ୍ତତ୍ତ୍ୱ ବିଜ୍ଞାନର ପ୍ରାଧାପକ ସୀତାନାଥ ଦାସବର୍ମା । ବେଶ୍ କିଛି ସମୟ ଉତ୍ତାରୁ ବଂଶୀ ବାଦନ ଥମିଯାଏ ତ ଅସ୍ଥିରପ୍ରାୟ ଆର୍ତ୍ତ ନାଦ କରି ଉଠନ୍ତି ସେ - ବଜାଅ.... ବଜାଅ.... ବଂଶୀଧର, ବଜାଅ.... ବଜାଅ.... !

ଚମକି ଚାହିଁଲା ତରୁଣ । ସନ୍ତର୍ପଣରେ କେହି ଜଣେ ତା' ପାଖରେ ଛିଡ଼ା ହୋଇଛି ସେକଥା ତାକୁ ଅଭିଭୂତ କଲା । ଧୀର ସ୍ୱରରେ କହିଲା – ମୁଁ ବଂଶୀଧର ନୁହେଁ, ବେଣୁପାଣି । କିନ୍ତୁ ଆପଣ କେତେବେଳୁ ସାର୍ ?

କାହିଁକି କେଜାଣି ସୀତାନାଥଙ୍କ ଭିତରେ ସୃଷ୍ଟି ହେଲା ଭାବାନ୍ତର । ସେ ତରୁଣର ପିଠିରେ ହାତ ଥାପୁଡେଇ ପଚାରିଲେ - ତୁମେ କ'ଣ କର ବାପା ?

"କିଛି ନୁହେଁ । ଏମିତି, ଇତସ୍ତତଃ ଘୂରିବୁଲେ । ଇଚ୍ଛା ହେଲେ ବଂଶୀ ବଜାଏ । ନ ହେଲେ ....."

"ପାଠ ପଢ଼ିଛି ?"

"ସମାଜ ବିଜ୍ଞାନରେ ଏମ୍.ଏ. । କିନ୍ତୁ ସେସବୁ ଆଉ ଦରକାରରେ ଆସୁନାହିଁ ।"

ତରୁଣର ଉତ୍ତରରେ ହସିଲେ ସୀତାନାଥ --- ଏକ ଅର୍ଥପୂର୍ଣ୍ଣ ହସ । ତାଙ୍କ ହସର ପ୍ରଚ୍ଛନ୍ନ ରହସ୍ୟ ତରୁଣ ବୁଝିଲା କି ନାହିଁ ସେଥିପ୍ରତି ଧ୍ୟାନ ଦେଲେନାହିଁ ସେ । ପକେଟରୁ କାଗଜ ଚିରକୁଟ୍‌ଟାଏ ବାହାର କରି ନିଜର ଠିକଣା ଗାରେଇ ଦେଲେ ଓ ସେଇଟିକୁ ହସ୍ତାନ୍ତର କରି କହିଲେ - କେବେ ଭୁବନେଶ୍ୱର ଆସିଲେ ମୋତେ ଦେଖା କରିବ ।

କାଗଜ ଚିରକୁଟ୍‌ଟିକୁ ଥୋଇଦେଇ ଏଥର ସେ ଖୋଲିଲେ ଯୁବକ ପ୍ରଦତ୍ତ ପେପର କଟିଂ, ଯେଉଁଥିରେ ପ୍ରକାଶିତ ହୋଇଥିଲା ତାଙ୍କ ପ୍ରଦତ୍ତ ଏକ ପ୍ରାର୍ଥୀ ଆହ୍ୱାନ ବିଜ୍ଞାପନ -

ସମର୍ପିତ ସମାଜସେବୀ ଆବଶ୍ୟକ

ଆମ୍ଭେ ସୀତାନାଥ ଦାସବର୍ମା, ଅବସରପ୍ରାପ୍ତ ମନୋବିଜ୍ଞାନ ପ୍ରାଧାପକ, ଆମ୍ଭ ପୁରସ୍କାର ଲବ୍ଧ ରାଶିର ଅର୍ଦ୍ଧେକାଂଶ ଜଣେ ଉଦ୍‌ଯୋଗୀ ତରୁଣଙ୍କୁ ପ୍ରଦାନ କରିବାକୁ ଚାହୁଁଛୁ, ଯିଏ ସେହି ଅର୍ଥର ସଦୁପଯୋଗ କରି ସମାଜ ମଙ୍ଗଳ ନିମନ୍ତେ ନିଜକୁ ବ୍ରତୀ କରିପାରିବ । ସେ ପ୍ରକାର ନିଷ୍ଠା ରଖିଥିବା ତରୁଣ ଆମକୁ ନିମ୍ନୋକ୍ତ ଠିକଣାରେ ସାକ୍ଷାତ କରିପାରନ୍ତି । ସମୟସୀମା କିଛି ନାହିଁ ।

ସୀତାନାଥ ଦାସବର୍ମା

ଏନ୍ ୧୦୧, ନୟାପଲ୍ଲୀ, ଭୁବନେଶ୍ୱର

ତାଙ୍କ ଦ୍ୱାରା ପ୍ରଭାବିତ କୌଣସି ଜଣେ ପ୍ରବାସୀ ଭାରତୀୟ ନାଗରିକଙ୍କ ପୃଷ୍ଠପୋଷକତାରେ ପରିଚାଳିତ ଏକ ଫରାସୀ ବେସକାରୀ ସଂଗଠନ ତାଙ୍କୁ ଏକଲକ୍ଷ ଭାରତୀୟ

ମୁଦ୍ରା ଓ ମାନପତ୍ରରେ ସମ୍ବର୍ଦ୍ଧିତ କରିଥିଲା। ମାନପତ୍ର ଶୋଭାବର୍ଦ୍ଧନ କରିଥିଲା ତାଙ୍କ ଅଧ୍ୟୟନ କକ୍ଷର ଅବଶିଷ୍ଟ ପ୍ରାଚୀର। ଆଉ ଅର୍ଥକୁ ନେଇ ପ୍ରଲୋଭିତ ହେବା ଭଳି କୌଣସି ମଣିଷ ନଥିଲେ ତାଙ୍କ ପରିବାରରେ। ନିଜନିଜ କ୍ଷେତ୍ରରେ ପ୍ରତିଷ୍ଠିତ ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ଏପରିକି ପତ୍ନୀ ସୁମିତ୍ରାଙ୍କ ପାଇଁ ବି ଏକଲକ୍ଷ ଟଙ୍କା ସେମିତି କିଛି ମହତ୍ତ୍ୱ ଦାବି କରୁ ନଥିଲା। ତେଣୁ ସ୍ୱେଚ୍ଛାକୃତ ଭାବେ ସେ ପଚାଶ ହଜାର ଅର୍ଥ ପ୍ରଦାନ କରିଥିଲେ ଏକ ଅନାଥାଳୟକୁ ଏବଂ ଅନ୍ୟ ଅର୍ଦ୍ଧେକର ବିନିଯୋଗ ପାଇଁ ଛାପିଥିଲେ ଏହି ବିଜ୍ଞାପନ।

ବିଜ୍ଞାପନରେ ପ୍ରଲୁବ୍ଧ କୌଣସି ତରୁଣ ଯେ ତାଙ୍କୁ ଭେଟି ନଥିଲେ ତା'ନୁହେଁ, ବରଂ ସେଇମାନଙ୍କଠାରେ ସେ ସେତିକି ସଂକଳ୍ପ ଦେଖି ନଥିଲେ ବା ସେମାନେ ସେତିକି ନିଷ୍ପାପର ହୋଇଥିବାର ପ୍ରମାଣ ପ୍ରଦାନ କରିପାରି ନଥିଲେ। ତେଣୁ ସାଦରେ ଲେଉଟାଇ ଦେଇଥିଲେ ସେମାନଙ୍କୁ। ଭାବିଥିଲେ, ବୋଧହୁଏ ବିଜ୍ଞାପନର ସର୍ତ୍ତ କିଛିଟା କଠୋର ହୋଇଯାଇଛି।

ଅଥଚ ସେଇ ବିଜ୍ଞାପନକୁ ନେଇ ଆଜି ବଂଶୀ -- ତାଙ୍କରି ସାମ୍ନାରେ !

ସେତେବେଳକୁ ଅପସରି ଯାଇଥିଲା ବର୍ଷା। ବଂଶୀକୁ ଭିତରକୁ ନେଇଗଲେ ସୀତାନାଥ। ଖୋଲିଦେଲେ ବନ୍ଦ ଦରଜା ସବୁର ରୁଦ୍ଧ କବାଟ। ମୁକ୍ତ ପବନରେ କେମିତି ଉଶ୍ୱାସ ଲାଗିଲା ଘରର ପରିବେଶ। ଫ୍ରିଜ୍‌ରୁ ବାହାର କଲେ ଦୁଇ ବୋତଲ ଥଣ୍ଡା ପାନୀୟ। ଗୋଟିଏ ବଢ଼େଇଦେଲେ ବଂଶୀ ହାତକୁ ଓ ଅନ୍ୟଟି ନିଜେ -

ନୀରବତା ଭାଙ୍ଗିଲେ ସେ - ପ୍ରାୟ ଷାଠିଏ ଦଶକରେ ପ୍ରଥମେ ବ୍ରିଟେନ୍‌ରେ ଆରମ୍ଭ ହୋଇଥିଲା ହିପ୍‌ପୀ ସଂସ୍କୃତି। ଲମ୍ବାକେଶ ଛାଡ଼ି, ଛିଣ୍ଡା କୋତରା ପୋଷାକ ପିନ୍ଧି ଏବଂ ମାରିଜୁଆନା ଭଳି ମାରାତ୍ମକ ନିଶାରେ ଚୂର ହୋଇ ବ୍ରିଟେନ୍‌ର ପ୍ରତିପତ୍ତିଶାଳୀ ପରିବାରର ଦାୟାଦମାନେ ଫୁଟ୍‌ପାଥ୍ ଅଥବା ସମୁଦ୍ରର ଶୁଷ୍କ ବାଲୁକା ପ୍ରାନ୍ତରରେ ଶୋଇ ଶୋଇ କରୁଥିଲେ। ଶାନ୍ତିର ସନ୍ଧାନ। ଜୀବନର ଲକ୍ଷ୍ୟ ଯୁଦ୍ଧ ନୁହେଁ, ପ୍ରେମ --- ଏହା ହିଁ ଥିଲା ହିପ୍‌ପୀବାଦର ମୂଳତତ୍ତ୍ୱ। ବିଚିତ୍ର ! ସେ ସଂସ୍କୃତି ବି ଲୋପ ପାଇଗଲା। କାରଣ ଭୋଗବାଦ, ଆଳସ୍ୟ ଆଉ ପରାଶ୍ରିତର ପୃଷ୍ଠଭୂମି ଉପରେ ଛିଡ଼ା ହୋଇଥିଲା ହିପ୍‌ପୀ ସଂସ୍କୃତିର ପ୍ରାଚୀର। ଜାଣିଛ -- - ଯୁଦ୍ଧ ଏବଂ ପ୍ରେମ ଭିତରୁ ଶାନ୍ତି ଅନ୍ୱେଷଣ କରୁଥିବା ସେଇସବୁ ବାସ୍ତୁହରା ୟୁରୋପୀୟ ଯୁବଗୋଷ୍ଠୀ ପାଇଁ ବିଫଳତାର ହେତୁ କ'ଣ ଥିଲା ?

"ନିର୍ଦ୍ଦିଷ୍ଟ ମାର୍ଗ ଚୟନ ନ କରିବା ଏବଂ ଲକ୍ଷ୍ୟହୀନ ଜୀବନ ଜିଇଁବା।"

"ରାଇଟ୍ ! ସମାଜ ବିଜ୍ଞାନରେ ଏମ୍.ଏ. କରିସାରିବା ପରେ ତୁମେ କ'ଣ କଲ ବଂଶୀ ?"

"ମୁକ୍ତ ସାମ୍ବାଦିକତାକୁ ଆପଣେଇ ନେଇଥିଲି। ଅନ୍ତତଃ ବୃତ୍ତି ଆଉ ବ୍ରତର ଦ୍ୱାହିରେ।"

"ତେବେ ଛାଡ଼ିଦେଲେ କାହିଁକି ?"

"ସାଲିସ୍ କରିପାରିଲି ନାହିଁ। କଲମ ମୁନରେ ମିଛକୁ ସତ୍ୟର ରୂପ ଦେଇ ପାରିଲି ନାହିଁ ତ ମୋତେ କୁହାଗଲା ସିନିକ୍। ସରକାରୀ ଦଳର ଗୁଲାମ୍ ସାଜି ଅପରାଧ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କ ବିରୋଧରେ ଲେଖିବା ମୋର ଦୋଷ ହେଲା। ଏବେ ତ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୌଣସି ନା କୌଣସି ରାଜନୈତିକ ଦଳର ଗୋଟିଏ ଗୋଟିଏ ଅନୁଗତ ମୁଖପତ୍ର।"

"ତା ପରେ ?" - ପ୍ରଶ୍ନ କଲେ ସୀତାନାଥ।

"ଏକ ଘରୋଇ ନୃତ୍ୟାନୁଷ୍ଠାନରେ ବଂଶୀବାଦକ ଭାବରେ ଯୋଗଦେଲି।"

"ୱେଲ ! କ'ଣ ହେଲା ସେଇଠୁ ?"

"ନୃତ୍ୟଶିକ୍ଷା ନାମରେ ସେଠାରେ ଚାଲିଥିଲା ସେକ୍ସ ର୍‍ୟାକେଟ୍। ପ୍ରତିବାଦ କଲି। ଅବଶ୍ୟ ନୀରବ ରହିବାକୁ ମୋତେ ଢେର୍ ଅର୍ଥ ଯାଚିଥିଲେ ଅନୁଷ୍ଠାନର ମାଲିକାଣୀ। କିନ୍ତୁ ନଛୋଡ଼ବନ୍ଧା ଥିଲି ମୁଁ। ପୋଲିସ୍‌ରେ ଏଫ୍.ଆଇ.ଆର୍ ଦେବାକୁ ନିଷ୍ପତ୍ତି ନେଲି। ହେଲେ ପରମୁହୂର୍ତ୍ତରେ ମୋତେ ଜଖମ କରି ଫୋପାଡ଼ି ଦିଆଗଲା ରେଳ ଲାଇନ୍ କଡ଼କୁ।"

"ଓଃ - ଆଇ ସି !"

"ତା' ପରେ ପରେ ତାଣ୍ଡବ ରଚିଲା ଅନେଶ୍ୱତ ମହାବାତ୍ୟା। ଘରଦ୍ୱାର ଉଜୁଡ଼ି ଯାଇଥିଲା। ଖବର ପାଇ ଗାଁକୁ ଫେରିଗଲି। ଜ୍ଞାତି କୁଟୁମ୍ବଙ୍କୁ ସାଥିରେ ଧରି ଲୋକମାନେ ସ୍କୁଲ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଉଦ୍ଧାର କାର୍ଯ୍ୟରେ ଲାଗିଲି। ସରକାରୀ ଅନୁଦାନ ବିପନ୍ନଙ୍କୁ ମିଳୁ --- ଏହାଥିଲା ମୋର ଦାବି। କିନ୍ତୁ ତାକୁ ଲୁଟିନେବା

ପାଇଁ ଆଗରୁ ପ୍ରସ୍ତୁତ ହୋଇ ରହିଥିଲେ ରାଜନେତାଙ୍କର ପାଇଁ ଲୋକମାନେ। ବାସ୍, ଆରମ୍ଭ ହେଇଗଲା ମତାନ୍ତର। ଇନ୍ଦିରା ଆବାସ, ରିଲିଫ୍ ସାମଗ୍ରୀ କିଛି ବି ମିଳିଲା ନାହିଁ ଆମ ପରିବାରକୁ। କେହି ବି ଛିଡ଼ା ହେଲେନି ମୋ ସପକ୍ଷରେ । ସେତେବେଳକୁ ଗ୍ରାମବାସୀଙ୍କର ବି ଚକ୍ଷୁଶୂଳ ସାଜି ସାରିଥିଲି ମୁଁ ।

"ପରିସ୍ଥିତି ସହ ଖାପ ଖୁଆଇବାକୁ ବି ଚେଷ୍ଟା କଲନି ?"

"କରିଥିଲି ସାର୍ ! ପାରିଲି ନାହିଁ। ବିଶ୍ୱାସ କରନ୍ତୁ, ସେତକ କରି ପାରିଥିଲେ ସବୁଠାରୁ ବେଶି ଲାଭବାନ୍ ମୁଁ ହିଁ ହେଇଥାନ୍ତି। କିନ୍ତୁ ମୋ ଭିତରେ ସେତେବେଳେ କୌଣସି ଏକ ଅଦ୍‌ଭୁତ ସତ୍ତା ଯେମିତି ଯନ୍ତ୍ରବତ୍ କାମ କରୁଥିଲା। ମୁଁ କିଛି ବି ଜାଣି ପାରୁ ନଥିଲି।"

"ସ୍ୱାଭିମାନ୍ !" - କହିଲେ ସୀତାନାଥ ।

ତାଙ୍କ ଠାରୁ ଝାମ୍ପିନେବା ପରି କହି ଉଠିଲା ଯୁବକ - ହଁ, ସ୍ୱାଭିମାନ.... ସେଇ ସ୍ୱାଭିମାନ !

କ୍ରମଶଃ ଉତ୍ତେଜିତ ହୋଇ ପଡୁଥିଲା ସେ ।

ସୀତାନାଥ ଦୀର୍ଘଶ୍ୱାସ ଛାଡ଼ିଲେ ଓ କହିଲେ - କୁଲ୍ ଡାଉନ୍ ! ଶାନ୍ତ ହେଇଯାଅ । ହ'ରୁ ସିଗାରେଟ ବାହାର କରି ଓଠେ ଲଗେଇଲେ । ନିଃଶବ୍ଦରେ ଝରକା ପାଖକୁ ଉଠିଯାଇ ଦମକାଏ ଧୂଆଁ ଛାଡ଼ିଲେ। ସେଇମିତି ଆକାଶକୁ ଚାହିଁ ରହି ପ୍ରଶ୍ନ କଲେ - ମୁଁ ଯଦି ତୁମକୁ ମୋ ପୁରସ୍କାର ରାଶି ପ୍ରଦାନ କରେ, ତା'ହେଲେ ତୁମେ କ'ଣ କରିବ ?

"ଗୋଟେ ରାଇଫଲ୍ କିଣିବି !"

ଉତ୍ତର ଫେରେଇବାରେ ଟିକିଏ ବି ଡେରି କଲାନାହିଁ ଯୁବକ। ନା କହିବା ଆଗରୁ କିଛି ଭାବିଥିଲା ନା କହିସାରିବା ପରେ କିଛି ଭାବୁଥିଲା। ନିଥର --- ନିର୍ବିକାର ! ସୀତାନାଥ ତାକୁ କି ପ୍ରଶ୍ନ କରିବେ ସେକଥା ସେ ଜାଣି ଯାଇଥିଲା କି ଆଗରୁ ? ମାନେ ପ୍ରଶ୍ନପତ୍ର ଲିକ୍ ! ତେଣୁ ପ୍ରସ୍ତୁତ ହୋଇ ଆସିଥିଲା ସିଏ । ସେମିତି .... ଠିକ୍ ସେମିତି ସ୍ୱାଭାବିକ ଲାଗିଲା ଯୁବକର ସ୍ୱର, ନିଥର --- ନିର୍ବିକାର !!!

"ରାଇଫଲ୍..... ଆଗ୍ନେୟାସ୍ତ୍ର !!"

ଚମକି ପଡ଼ିଲେ ସୀତାନାଥ। ତାଙ୍କ ଓଠ ଫାଙ୍କରେ ଜଳି ଯାଉଥିବା ଅଧାପୋଡ଼ା ସିଗାରେଟ୍‌ଟା ମନକୁମନ ଖସି ପଡ଼ିଲା ତଳକୁ।

"ହଁ ସାର୍, କେବଳ ଗୋଟିଏ ରାଇଫଲ୍ ! ଆଉ କିଛି ଅଫୁଟା ଗୁଳି - ଜୀବନ୍ତ ବୁଲେଟ୍ !

ମଗଜର ପଦାର୍ଥଗୁଡ଼ାକ ଯେମିତି ତରଳି ଯାଉଛି --- ସେମିତି ଅନୁଭବ କଲେ ସୀତାନାଥ । ଲଥ୍‌କରି ବସି ପଡ଼ିଲେ ଗୋଟେ ଚେୟାର୍‌ରେ। ଚେୟାର ବାଡ଼ାରେ ମୁଣ୍ଡକୁ ଆପି ଦେଇ ଉପର ମୁହାଁ ହେଇ ବୁଜିଦେଲେ ଆଖି। ଆଖିରେ ଅନ୍ଧାର ଭିତରେ କିନ୍ତୁ ସେ ଦେଖୁଥିଲେ ଏକ ଭୟଙ୍କର ଦୃଶ୍ୟ।

ତାଙ୍କ ଠାରୁ ଅର୍ଥ ନେଇ ଯୁବକ କିଣୁଛି ବନ୍ଧୁକ। ସାଜୁଛି ହତ୍ୟାକାରୀ । ଘଟାଉଛି ରକ୍ତପାତ। ଚାରିଆଡ଼େ ଖାଲି ରକ୍ତ ଆଉ ରକ୍ତ। ଗୁଳିବିଦ୍ଧ ଭୟ - ବିବ୍ରତ ମଣିଷମାନଙ୍କର କରୁଣ ଆର୍ତ୍ତ ଚିତ୍କାର। ଅଚାନକ ତାଙ୍କ ଆଗରେ ସୃଷ୍ଟି ହେଉଛି ଏକ ଭୟଙ୍କର ରକ୍ତର ଘୂର୍ଣ୍ଣି। ସେହି ରକ୍ତର ଘୂର୍ଣ୍ଣିରେ ପଡ଼ି ଆଭ୍ରାମାଭ୍ରା ହେଇ ଯାଉଛନ୍ତି ସେ । ତାଙ୍କର ସେ ଅବସ୍ଥାକୁ ଦେଖି ଯୁବକ କରୁଛି ଅଟ୍ଟହାସ୍ୟ। ଯୁବକକୁ ରୋକିବା ପାଇଁ କିଛି ବି ଉପାୟ ନାହିଁ ତାଙ୍କ ହାତରେ। ଭସ୍ମାସୁରକୁ ବରଦାନ କରିସାରିବା ପରେ ଆଉ କିଛି କର୍ତ୍ତୃତ୍ୱ ଥିଲା କି ଦେବ ଦେବ ମହାଦେବଙ୍କ ନିକଟରେ !!!

ପାଖକୁ ଆସିଲା ଯୁବକ। ଆସ୍ତେ କରି କହିଲା - ଯା'ଛଡ଼ା ମୋ ଆଗରେ ଆଉ କିଛି ବାଟ ନାହିଁ। ସାର୍ ! ଯଦି ଉଚିତ୍ ମନେ କରନ୍ତି, ତା'ହେଲେ ଖବର ଦେବେ। ଏଇଥିରେ ମୋ ଠିକଣା ଲେଖି ଦେଇଛି।

ଟେବୁଲ୍ ଉପରେ ଠିକଣା ଲେଖାଥିବା କାଗଜ ଖଣ୍ଡେ ଥୋଇ ଦେଇ ନାକ ସଳଖା ଘରୁ ବାହାରି ଯାଉଥିଲା ଯୁବକ। ଭୂତଗ୍ରସ୍ତ ଭଳି ଧାଇଁ ଯାଇ ତାକୁ ପଛରୁ ଭିଡ଼ି ଧରିଲେ ସୀତାନାଥ। ପଚାରିଲେ - ବଂଶୀଧର ! ରାଇଫଲ୍ କିଣି ତୁମେ କାହାକୁ ହତ୍ୟା କରିବ ବାପା ? ମୋତେ ? ସମ୍ବାଦପତ୍ରର ମାଲିକଙ୍କୁ ? ନା ନୃତ୍ୟାନୁଷ୍ଠାନର ମାଲିକାଣୀକୁ ?

"ମୋ ଭିତରର ସ୍ୱାଭିମାନକୁ ସାର୍ ! ଆଉ କାହାରିକୁ ନୁହେଁ !!"

*ସହ ସଂପାଦକ - ଧରିତ୍ରୀ, ରସୁଲଗଡ଼, ଭୁବନେଶ୍ୱର*

# ମୁଦୁଲିପଡ଼ାର ଲୋକେ

*ଡକ୍ଟର ଦେବାଶିଷ ପାତ୍ର*

ଆଜି ରବିବାର। ମୁଣ୍ଡିଗୁଡ଼ା ହାଟ। ମୁଣ୍ଡିଗୁଡ଼ାରୁ ମୁଦୁଲିପଡ଼ା ପାଖାପାଖି କୋଡ଼ିଏ କିଲୋମିଟର। ମୁଣ୍ଡିଗୁଡ଼ା ସାଧାରଣ ମଣିଷର ହାଟ ନୁହେଁ। ଏଇଟା ବଣ୍ଡା ମଣିଷର ପ୍ରିୟ ହାଟ। ଆଉ ଏଠିକି ବି ଧାଇଁ ଆସନ୍ତି ଅନେକ ପର୍ଯ୍ୟଟକ, ଗବେଷକ ଯେଉଁମାନେ ବଣ୍ଡାକୁ ବିଶ୍ୱ ଦରବାରରେ ପରିଚିତ କରେଇବାକୁ ଚାହାନ୍ତି।

ହାଟରେ ଥିବା କେତେଟା ଚାଳ ଛପର ଘର ତଳେ ପସରା ମେଲିଛି ଦୈନନ୍ଦିନ ଜୀବନ ଚର୍ଯ୍ୟାର ତେଲୁ ଲୁଣର ସଂସାର। ଗଛ ତଳେ ସଲପ ରସର ପସରା। ମୁଦୁଲିପଡ଼ାର ଲୋକେ ଏଠିକି ଆସନ୍ତି। ସାଉଁଟି ନିଅନ୍ତି ଜୀବନ ଜୀଇଁବାର ସରାଗ ଟିକକ। ମହଲତ୍ ମିଳେନି ତାଙ୍କୁ ଆଧୁନିକତା ଭିତରେ ହଜିବା ପାଇଁ। ସେ'ତ ସାଧାରଣ ମଣିଷ ନୁହେଁ। ଇତିହାସର ଆଇନାରେ ସେ ତ ବଣ୍ଡା ପାହାଡ଼ର ମଣିଷ। ବାରଜଙ୍ଗର ଦେଶର ନାଗରିକ। ତା'ର ନଗର, ତା'ର ଆଇନ୍ କାନୁନ୍, ତାର ଭୌଗୋଳିକତାକୁ ନେଇ ସିଏ ସ୍ୱତନ୍ତ୍ର ଯାହାକୁ ଆଧୁନିକ ମଣିଷ କହେ ବଣ୍ଡା ମଣିଷ ଆଉ ତାର ସାଧାରଣ ପରିଚିତ ସେ'ତ ମୁଦୁଲିପଡ଼ାର ଲୋକେ।

ମୁଦୁଲିପଡ଼ାର ଲୋକେ ଦେଖିବାକୁ କେମିତି ? ପିନ୍ଧନ୍ତି କ'ଣ ? ଖାଆନ୍ତି କ'ଣ ? ତାଙ୍କ ଅବଦମିତ ତୃଷ୍ଣାର ଅସଲ ସୂତ୍ରଟି କେଉଁଠି ? ସେମାନେ ଆର୍ଯ୍ୟ ନା ଅନାର୍ଯ୍ୟ ? ନା ସୃଷ୍ଟିର ଆଦିମ ଆଧାର ଭିତରେ ଲୁଚି ରହିଥିବା ଗୋଟେ ସୂତାଖିଅର ସଂପର୍କ ? ଅନେକ ତର୍ଜମା କରି ଚାଲିଥିଲେ ବିଶ୍ୱର କୋଣ ଅନୁକୋଣରୁ ଆସିଥିବା ଅନେକ ନୃତତ୍ତ୍ୱବିତ୍। ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ନୃତାତ୍ତ୍ୱିକ ସଂପାଦନର ବିଷୟବସ୍ତୁ ଥିଲା - 'ଦି ମ୍ୟାନ୍ ଅଫ୍ ବଣ୍ଡା ହିଲ୍'।

ହେଲେ ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ଥିଲା ଭାରତ ବର୍ଷରୁ ଜଣେ ବି ପ୍ରତିନିଧି ଅଂଶ ଗ୍ରହଣ କରିନଥିଲେ ସେହି କାର୍ଯ୍ୟକ୍ରମରେ ଅଥଚ ଅନେକ ତଥ୍ୟର ଗନ୍ତଘର ପାଲଟି ଥିଲା ସେହି ସେମିନାର। ଅନେକ ବିଦେଶଇ ଗବେଷକ, ପର୍ଯ୍ୟଟକ ତାଙ୍କ ଗବେଷଣାର ଖିଅ ଖୋଲି ଚାଲିଥିଲେ। ପ୍ରେକ୍ଷାଳୟର ଗୋଟିଏ କୋଣରେ ଧ୍ୟାନମଗ୍ନ ହୋଇ ଶୁଣୁଥିଲେ ସ୍ୱିଡେନ୍ ମହିଳା ଚାର୍ଲଟ୍। ଯିଏ କି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଓଡ଼ିଶାର ଏକ ନାଁ ନଥିବା ଗାଁ ରେ। ତାଙ୍କ ମନରେ ଅସରନ୍ତି ପ୍ରଶ୍ନ। ଅସରନ୍ତି ଉତ୍ତରର ତରଙ୍ଗରେ ତାଙ୍କ ମନ ଉଦ୍‌ବେଳିତ। କେମିତି ଦେଖିବେ ଇତିହାସର ଆଇନାରେ ନୂଆ ପ୍ରତିବିମ୍ବ ତିଆରି ଥିବା ସେଇ ବଣ୍ଡା ଦେଶର ଲୋକଙ୍କୁ। ଯେଉଁମାନେ କି ନୃତାତ୍ତ୍ୱିକ ଗବେଷଣାର ମୂଳ ଆଧାର - 'ମୁଦୁଲିପଡ଼ାର ଲୋକେ'।

ମାର୍ଚ୍ଚର ଆୟୁଷ ସରି ସରି ଆସୁଛି ତ, ସରି ସରି ଆସୁଛି ଶୀତର ପ୍ରକୋପ। କ୍ଷେତରେ ଉଜୁଡ଼ି ଯାଇଛି ପାଳଭୂତ। ଧାଡ଼ି ଧାଡ଼ି ପାହାଡ଼ ସବୁ ମୌନବ୍ରତଧାରଣ କରି ଅନ୍ଧାର ଭିତରେ ଛିଡ଼ା ହୋଇଛି ଯେମିତି। ସେହି ଅକୁହା ବେଦନା ଭିତରୁ ଦୁକୁ ଦୁକୁ ହେଇ ଜଳୁଛି ପାହାଡ଼ ଦେହରେ ନିଭି ଆସୁଥିବା ନିଆଁ। ଚଇତି ପରବର ଢୁଙ୍ଗ୍‌ଢୁଙ୍ଗା ଖୁବ୍ ଦୂରରୁ ଶୁଭୁଛି କେଉଁ ଆଦିବାସୀ ଗାଁ ର ଅସ୍ତିତ୍ୱ ଜାହିର୍ କରି । ସକାଳ ଆସୁ ଆସୁ ହିଁ ମୁଣ୍ଡିଗୁଡ଼ା ହାଟରେ ପହଞ୍ଚିବାକୁ ପଡ଼ିବ।

ମାଲକାନାଗିରି ସହରରୁ ପାଖାପାଖି ସତୁରୀ କିଲୋମିଟର ଯାତ୍ରା ପରେ ଗୁମା ଆଉ ଖଇରପୁଟର ମଝିରେ ପଡ଼ିଲା ହାଟଟା। ସକାଳର ରକ୍ତିମ କିରଣରେ ଲାଜୁଆ ଲାଜୁଆ ଦିଶୁଛି କହୁଡ଼ିର ଛୁଆଁ ପାଇଥିବା ରାସ୍ତାକଡ଼ ଗଛର ପ୍ରତିଟି ପତ୍ର। ଆଉ ମୁଦୁଲିପଡ଼ାର ଲୋକେ ଧାଡ଼ି ବାନ୍ଧି ଚାଲିଛନ୍ତି ମୁଣ୍ଡିଗୁଡ଼ା ହାଟକୁ ଗୋଟେ ଶୃଙ୍ଖଳିତ ଧାଡ଼ିରେ। ସେ ଚାଲିରେ ଅଛି ଅଳସ ଛନ୍ଦର ଆଭାସ ଆଉ ପିମ୍ପୁଡ଼ିମାନଙ୍କର ଦଳଗତ ଶୃଙ୍ଖଳତା।

ଚାର୍ଲଟଙ୍କ ଦୃଷ୍ଟି ଆକର୍ଷଣ କଲା ସୋମାରୁ। ଯିଏ କି ତାଙ୍କ ସାଥୀରେ ଆସିଛି ମାଲକାନଗିରିରୁ ପ୍ରଶାସନିକ ସହଯୋଗରେ । କାରଣ ତା'ର ଅତୀତରେ ସେ ବି ଥିଲା

ମୁଦୁଲିପଡ଼ାର ଲୋକ। ଆଉ ଆଜି ଶିକ୍ଷିତ ହୋଇ, ଚାକିରୀ କରି ସହରୀ ଜୀବନ ଜୀଉଁଛି ମାଲକାନଗିରିରେ। ସେ ବଣ୍ଡା ଭାଷା କହେ, ଓଡ଼ିଆ କହେ ଆଉ ଇଂରାଜୀ ବି କହେ। ସେଥିପାଇଁ ଟୁରିଷ୍ଟ ଗାଇଡ୍ ଭୂମିକାରେ ଆଜି ସେ ଅବତୀର୍ଣ୍ଣ। ତା'ର କଥନ ଭଙ୍ଗୀ ହିଁ ତା ଜାତି ଭାଇମାନଙ୍କୁ ବିଶ୍ୱରେ ପରିଚିତ କରେଇବ ନିଆରା ଢ଼ଙ୍ଗରେ।

ହାଟ ଜମି ଜମି ଆସୁଥିଲା। ଆଉ ଚାର୍ଲଟ୍ ଅନୁଧ୍ୟାନ କରି ଚାଲିଥିଲେ ଅଦ୍ଭୁତ ବେଶଭୂଷା ସଜ୍ଜିତ ବଣ୍ଡା ରମଣୀମାନଙ୍କୁ। ସେମାନଙ୍କ ଲଣ୍ଡିତ ମସ୍ତକରେ ଥିଲା ଗୋଲାକାର ସରୁ ଖଜୁରୀ ପତ୍ରର ପଟି ଓ ତା ଉପରେ ଗୁଡ଼େଇ ହୋଇଥିଲା ମାଳି। ବେକରେ ଆଠଦଶଟି ଲେଖାଏଁ ଧାତୁ ନିର୍ମିତ ବଳା। ବକ୍ଷଦେଶକୁ ଆବୃତ କରିଥିଲା ରଙ୍ଗବେରଙ୍ଗର ମାଳି ଏବଂ ଅଣ୍ଟା ପାଖରେ ଗୁଡ଼େଇ ହେଇଥିଲା ସ୍ୱତନ୍ତ୍ର ଶୈଳୀର ବସ୍ତ୍ର ରିଙ୍ଗା। ଅନତି ଦୂରରେ ପୁରୁଷମାନେ ଗୋଟେ ଝଙ୍କାଳିଆ ଗଛ ତଳେ ମେଲି ଦେଇଥିଲେ ସଲପ ମଦର ପସରା। କାନରେ ଥିଲା ଅଳଙ୍କାର। ପାରମ୍ପରିକ ଅସ୍ତ୍ର ଧନୁତୀରରେ ସେମାନେ ଦିଶୁଥିଲେ ଅତି ଭୟଙ୍କର। ତଥାପି ଆଧୁନିକ ଗବେଷକର ଦୃଷ୍ଟିଭଙ୍ଗୀ ତାଙ୍କଠୁ ସାଉଁଟି ଚାଲୁଥିଲା ପ୍ରାଗୈତିହାସିକ ମଣିଷର ଚିତ୍ର।

ସୋମାରୁ ବଣ୍ଡାରମଣୀଙ୍କ ପାଖରେ ପହଞ୍ଚି ବିଦେଶିନୀଙ୍କ ଉଦ୍ଦେଶ୍ୟ ପ୍ରତିପାଦନ କଲା। ବାସ୍ ସେତିକି ଶୁଣିବା ପରେ ଆରମ୍ଭ ହେଲା ବିଦେଶିନୀଙ୍କ ନିକଟରେ ଭିଡ଼। ଶହେଟଙ୍କିଆ ନୋଟ କେତେ ଖଣ୍ଡ ବଣ୍ଡା ରମଣୀମାନଙ୍କୁ ଦେଇ ଚାର୍ଲଟ ସେମାନଙ୍କର ଫଟୋ ଉଠେଇ ଚାଲିଲେ ନିଆରା ଢ଼ଙ୍ଗରେ। ଏତେ ଗୁଡ଼ିଏ ଟଙ୍କା ବରବାଦ ହେବାର ଦେଖି ସୋମରୁ କହିଲା – 'ମ୍ୟାଡାମ୍ ହଣ୍ଡ୍ରେଡ୍ ରୁପିସ୍ ଇଜ୍ ଟୁ ମଚ୍'। ଚାର୍ଲଟଙ୍କ ଆଖିରେ ଥିଲା ପ୍ରାପ୍ତିର ଆନନ୍ଦ। ସେ ସୋମରୁ ଉଦ୍ଦେଶ୍ୟରେ କହିଲେ, ଆଇ ନୋ, ଆଇ ନୋ।

ଏଇଠୁ ଆଗକୁ ଗଲେ ଖଇରପୁଟ। ସେଇଠୁ ଚଉଦ, ପନ୍ଦର କିଲୋମିଟର ପର୍ବତାରୋହଣ ପରେ ପଡ଼ିବ ବଣ୍ଡା ମଣିଷର ଦେଶ। ଯାହାକି ଶହେ ତିରିଶ ବର୍ଗ କିଲୋମିଟରର ପରିବ୍ୟାପ୍ତ ଅରଣ୍ୟ ଓ ପାର୍ବତ୍ୟ ଭୂମିରେ ଥିବା ମାଛକୁଣ୍ଡ ନଦୀର ଉତ୍ତର ପଶ୍ଚିମ ଦିଗରେ ଅବସ୍ଥିତ। ଯାହାର ଉଚ୍ଚତା ସମୁଦ୍ର ପତ୍ତନଂରୁ ତିନି ହଜାରରୁପାଞ୍ଚ ହଜାର ଫୁଟ ଉର୍ଦ୍ଧ୍ୱରେ। ମାଛକୁଣ୍ଡ ନଦୀର ଅବବାହିକାକୁ ସ୍ପର୍ଶ କରିଥିବା ଏହି ବଣ୍ଡା ମଣିଷର ଦୋ ବିଶ୍ୱର ସବୁଠାରୁ ଉର୍ଦ୍ଧ୍ୱରେ ଥିବା ଜନବସତି। ନୃତତ୍ତ୍ୱବିତ୍ ବେରିୟାର୍ ଏଲ୍ୱିନ୍‌ଙ୍କ ଭାଷାରେ 'ବଣ୍ଡୋ ହାଇଲ୍ୟାଣ୍ଡର୍ସ'।

ଖଇରପୁଟରୁ ଗାଡ଼ି ଘାଟି ଚଢ଼ିବା ଆରମ୍ଭ କଲା। ସୋମାରୁ ବି ଆରମ୍ଭ କଲା ବଣ୍ଡା ମଣିଷର ଇତିହାସ। ଚାର୍ଲଟ ତା ମୁହଁ ସାମ୍ନାରେ ଭିଡ଼ିଓ କ୍ୟାମେରା ଅନ୍ କରି ରଖିଲେ। ସୋମାରୁ କହି ଚାଲିଲା ଖଣ୍ଡି ଖଣ୍ଡି ଇଂରାଜୀରେ – ବଣ୍ଡା ମଣିଷ ତା' ନିଜ ଭାଷାରେ 'ରେମୋ' ଭାବରେ ପରିଚିତ। ପ୍ରକୃତିର ବିସ୍ମୟ ସାଧନ କରୁଥିବା ଏହି ଜାତି 'ଅଷ୍ଟ୍ରୋଏସୀୟ' ପରିବାରର ଅନ୍ତର୍ଭୁକ୍ତ। ଦୁଇହଜାର ଏକ ଜନଗଣନାରେ ଯାହାଙ୍କ ସଂଖ୍ୟା ୫୫୬୫। ସାକ୍ଷରତା ହାର ଶତକଡ଼ା ସାତ। ଆଉ ଏକ ଜନଜାତି ଗଦବା ଓ ମେରିୟାମାନଙ୍କ ସାଂସ୍କୃତିକ ପରଂପରା ସହିତ ଏମାନଙ୍କର ଅପୂର୍ବ ସାମଞ୍ଜସ୍ୟ ରହିଛି। କହିବାକୁ ଗଲେ ବଣ୍ଡା ଜାତି ଆଷ୍ଟ୍ରୋଏସୀୟ ସଂସ୍କୃତିର ସର୍ବ ପ୍ରାଚୀନ ଧାରାଟିଏ।

ଏବେ କ୍ୟାମେରା ବୁଲିଲା ଚାର୍ଲଟଙ୍କ ଆଡ଼କୁ। ଚାର୍ଲଟ୍‌ଙ୍କ ପ୍ରଶ୍ନ – ଏନି ମାଇଥୋଲୋଜି ଏବାଉଟ୍ ଦେଆର ଓରିଜିନ୍ ?

ସୋମାରୁ କହିବା ଆରମ୍ଭ କଲା, ଏକଦା ଗୋଦାବରୀ କୂଳରେ ବାର ଜଣ ଗଦବା ଭାଇ ଜନ୍ମ ଗ୍ରହଣ କରିଥିଲେ ଏବଂ ପରେ ସେମାନେ ଜୟପୁର ପାର୍ବତ୍ୟାଞ୍ଚଳକୁ ଆସି ବସତି ସ୍ଥାପନ କଲେ। ସେହିମାନଙ୍କ ଭିତରୁ ବଡ଼ଭାଇର ନାମ ଥିଲା ଭୋଇ ଗଦବା, ପରବର୍ତ୍ତୀ ଭାଇଥିଲା ଅସୁର ଦଗଦା ଏବଂ ଅନ୍ୟ ଦଶ ଜଣ ଥିଲେ କନ୍ଧ, ବଣ୍ଡା, ଡିଡାୟୀ, ଝଡ଼ିଆ, ପାରେଙ୍ଗା, ଦୋରା, ହୋଲାର, ପେଙ୍ଗୁ, ଚିଲେରୀ ଏବଂ ମାରିୟ। ଏହି ବାର ଭାଇର ଦେଶ ବାରଜାଙ୍ଗର ନାମରେ ପରିଚିତ ଥିଲା ଜନମାନସରେ। ତଥାପି ଏକ ଛୋଟ ରାଜ୍ୟ ଭାବରେ ସବୁ ପ୍ରକାର ସହଯୋଗ ରଖିଥିଲା ଜୟପୁର ରାଜାଙ୍କ ସହିତ। ଆବଶ୍ୟକ ବେଳେ ମୁଦୁଲିପଡ଼ାର ବଣ୍ଡା ବାହିନୀ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ଜୟପୁର ରାଜାଙ୍କୁ ପ୍ରତିରକ୍ଷା ବ୍ୟାପାରରେ ସହଯୋଗ

କରୁଥିଲେ। ପାହାଡ଼ର ଶୀର୍ଷରୁ ପ୍ରାକୃତିକ ସୁଷମାରାଜିକୁ ନିରେଖିବା ପାଇଁ ଗାଡ଼ି ବାହାରକୁ ଅନେଇଲେ ଚାର୍ଲଟ୍। ତାଙ୍କ ଚାହାଣୀରେ ଥିଲା ରୋମାଞ୍ଚକର ଅନୁଭବ। ଡ୍ରାଇଭର କହିଲା, ମୁଦଲିପଡ଼ା ଆସିଗଲା। ଚାର୍ଲଟ୍ ତାଙ୍କ ବାନ୍ଧବୀ ଓ କନ୍ୟା ସହିତ ଗାଡ଼ିରୁ ଓହ୍ଲେଇଲେ। ସୋମାରୁ ହାତ ବଢ଼େଇ ଦେଖେଇଦେଲା ଆଗ ଘରଟି ହେଉଛି ବଣ୍ଡା ଉନ୍ନୟନ ପ୍ରକଳ୍ପର କାର୍ଯ୍ୟାଳୟ। ଆଉ ତା କଡ଼ରେ ମୁଦୁଲିପଡ଼ା ଉଚ୍ଚ ବିଦ୍ୟାଳୟ। ପଛରେ ଯେଉଁ ପାଚେରୀ ଦେଖାଯାଉଛି ସେଇଟା କନ୍ୟାଶ୍ରମ।

ଏଥର ଗାଁ ଭିତରକୁ ଯିବାକୁ ବାହାରିଲେ ସେମାନେ। ଚାର୍ଲଟ୍‌ଙ୍କ ବାନ୍ଧବୀ ଏଥର ସୋମାରୁ ଉଦ୍ଦେଶ୍ୟରେ କହିଲେ, "ଟେଲ୍ ଅସ୍ ଏବାଉଟ୍ ବଣ୍ଡା ଭିଲେଜେସ୍"। ଚାର୍ଲଟ୍ ଭିଡ଼ିଓ କ୍ୟାମେରା ଅନ୍ କଲେ। ସୋମାରୁ କହିବା ଆରମ୍ଭ କଲା।

ଯେଉଁ ବାରଟି ବଣ୍ଡା ଗାଁକୁ ନେଇ ବାରଜାଙ୍ଗର ଦେଶ ସ୍ଥାପିତ ହେଇଥିଲା ସେଥିରୁ ଏଇଟା ହେଉଛି ପ୍ରଥମ ଗାଁ। ନାଁ ତାର ମୁଦୁଲିପଡ଼ା। ଆଗକୁ ଅଛି କିର୍ସାନୀପଡ଼ା, ତୂଳାଗୁରମ, ବାଣ୍ଡିଗୁଡ଼ା, ବାସୁପଡ଼ା, ଚାଲରପଡ଼ା, ଗୋକୁରପଡ଼ା, ପିଣ୍ଡାଜାଙ୍ଗର, କିଚିପଡ଼ା, ଦାନ୍ତିପଡ଼ା। ସବୁଠୁ ତଳେ ପାହାଡ଼ର ପାଦ ଦେଶରେ ରହିଛି ପାଣ୍ଡ୍ରାଗୁଡ଼ା। ଏବେ ସେହି ସବୁ ଗାଁ ଆଉ କେତେଟା ପଡ଼ା ମିଶି ବତିଶ ଖଣ୍ଡ ଗାଁରେ ପରିବର୍ତ୍ତିତ ହେଇଛି।

ଏବେ ଆସି ସେମାନେ ଗୋଟେ ଘର ସାମ୍ନାରେ ଛିଡ଼ା ହେଲେ। ଗଂଜାଟିଏ କକ୍ - କ ଅ ଡ଼ାକ ମାରି ଖଣ୍ଡିଉଡ଼ା ଦେଇ ଚାଳ ଉପରକୁ ଉଠିଗଲା। ପିଣ୍ଡା ଉପରେ କତରା ଲଗା ହେଇ ଅର୍ଦ୍ଧଉଲଗ୍ନ ସ୍ତ୍ରୀ ଲୋକଟିଏ। ମଝିରେ ମଝିରେ ସଁ, ସଁ ହଉଥିଲା। ତା'ପାଖରେ ଛିଡ଼ା ହେଇଥିଲା ତେର ବର୍ଷର ପିଲାଟିଏ ସ୍କୁଲ ୟୁନିଫର୍ମ ପିନ୍ଧି। ଚାର୍ଲଟ ପଚାରିଲେ - ହ୍ୱାଟସ୍ ୟୋର ନେମ ? ପିଲାଟି କିଛିକ୍ଷଣ ଅନେଇଲା ତାଙ୍କୁ ଏବଂ ଇଂରାଜୀରେ ଉତ୍ତର ଦେଲା - ଆଇ ଆମ୍ ସନିଆ କିର୍ସାନୀ। ବିଦେଶିନୀ ଆଶ୍ଚର୍ଯ୍ୟ ହେଇ ଅନେଇଲା ପିଲାଟା ଆଡ଼େ ଆଉ ତା' ହାତକୁ ବଢ଼େଇଲେ ଖଣ୍ଡେ ଶହେ ଟଙ୍କିଆ ନୋଟ୍। କହିଲେ, ଭେରି ସ୍ମାର୍ଟ। ସୋମାରୁ ଚାର୍ଲଟ୍‌ଙ୍କ ଆଡ଼କୁ ଅନେଇଲା ଏବଂ କହିଲା - ସନିଆ, ହିଜ୍ ନେମ୍ ଏଣ୍ଡ କିର୍ସାନୀ, ହିଜ୍ ସରନେମ୍। ପିଲାଟା ଏଥର ପିଣ୍ଡା ତଳକୁ ଓହ୍ଲେଇଲା। ସୋମାରୁ ବଣ୍ଡା ଭାଷାରେ ପଚାରିଲା, କୁଆଡେ ଯାଉଛୁ। ପିଲାଟି କହିଲା, ନିଂ ଇସ୍କୁଲ ବଇଗନି ନିଂ, ଯାହାର ଅର୍ଥ, ମୁଁ ସ୍କୁଲକୁ ଯାଉଛି।

ସୋମରୁ ବଣ୍ଡାମାନଙ୍କର ପାରିବାରିକ ସଂଜ୍ଞା ଓ ନାମକରଣ ସଂପର୍କରେ କହିବା ଆରମ୍ଭ କଲା। ବଡ଼ନାଏକ, ଚାଲାଣ, ଧଂଡାମାଝୀ, ଦୋରା, ଜିଗ୍ରୀ, କିର୍ସାନୀ, ମାନଦୋରା, ମୁଦଲି, ଶିଶା ଇତ୍ୟାଦି ବଣ୍ଡାଙ୍କର ପାରିବାରିକ ସଂଜ୍ଞା। ସେମାନଙ୍କୁ ବଂଶ ଦୃଷ୍ଟିରୁ ଖିଲ (ବ୍ୟାଘ୍ରବଂଶ) ଓ ହନ୍ତାଳ (ସର୍ପବଂଶ) ଦୁଇଭାଗରେ ଚିହ୍ନିତ କରାଯାଏ। ନାମକରଣ ମଧ ଅତ୍ୟନ୍ତ ବୈଚିତ୍ରମୟ। ଯେଉଁଥିପାଇଁ ସମାନ ନାମରେ ଅଧିକାଂଶ ବଣ୍ଡା ପୁରୁଷ ଓ ରମଣୀ ଦେଖିବାକୁ ମିଳନ୍ତି। ସେମାନଙ୍କ ନାମକରଣ ସପ୍ତାହର ସାତ ଦିବସରୁ ଜନ୍ମ ଦିବସକୁ ନେଇ ନାମିତ କରାଯାଇଥାଏ। ଯେପରି ରବିବାରରେ ଜନ୍ମ ହେଲେ ଆଦି, ଆଦିବାରୀ; ସୋମବାରରେ ସୋମା, ସୋମାରୁ, ସୋମାରୀ; ମଙ୍ଗଳବାରରେ ମଙ୍ଗଳା, ମଙ୍ଗଳ; ବୁଧବାରରେ ବୁଧ, ବୁଧେଇ ଗୁରୁବାରରେ ଲଛମୀ, ଲଛମା, ଗରୁ, ଗୁରୁବାରୀ; ଶୁକ୍ରବାରରେ ଶୁକ୍ରା, ଶୁକ୍ରୀ ; ଶନିବାରରେ ଶନିଆ, ସୋନିଆ, ସାନିଆ, ସୋନି ଇତ୍ୟାଦି।

କମ୍ୟୁନିଟି ସେଣ୍ଟରରୁ କିଛି ବାଟି ଗଲାପରେ ପଡ଼ିଲା ଗ୍ରାମଦେବତୀଙ୍କ ପୀଠ। ସୋମାରୁ କହିଲା, ଇଏ ଆମର ଦେବତା 'ସିଙ୍ଗି ଆର୍କେ'।

ଚାର୍ଲଟ୍ ପଚାରିଲେ - "ଇଜ୍ ଇଟ୍ ରିଲେଟେଡ୍ ଟୁ କୋନାର୍କ୍" ?

ସୋମାରୁ କହିଲା, ହଁ। 'ଅର୍କ' ଶବ୍ଦଟି ସଂସ୍କୃତରୁ ଆସିଛି। ଯାହାର ଅର୍ଥ ସୂର୍ଯ୍ୟ। ଆଉ 'ସିଙ୍ଗି ଆର୍କେ' ହେଉଛନ୍ତି ସୂର୍ଯ୍ୟଚନ୍ଦ୍ର ମହାପ୍ରୁ। ଯିଏ ଆମକୁ ଦିଅନ୍ତି ଜୀଇଁବାର ପ୍ରେରଣା। ସେହି ମହାପ୍ରଭୁଙ୍କୁ ମୁଣ୍ଡାମାନେ କହନ୍ତି, 'ସିଙ୍ଗିବୋଙ୍ଗା' ସାନ୍ତାଳମାନେ କହନ୍ତି 'ସିଙ୍ଗିଚାନ୍ଦ'। ତଳେ ବସୁମତି ଉପରେ ଧର୍ମ ଦେବତା। ସେଇମାନେ ହିଁ ସୃଷ୍ଟି, ସେଇମାନେ ହିଁ ସ୍ରଷ୍ଟା।

ସୋମାରୁ ଛେପ ଢୋକି ସାରି କହିଲା - 'ଇନ୍ ୟୋର ଲାଙ୍ଗୁଏଜ୍ ଦିସ୍ ଇଜ୍ ଦି ସନ୍‌ଲର୍ଡ। ସକଳ ଶକ୍ତିର

ଆଧାର। ତାଙ୍କୁ ପୂଜାକଲେ କୁଷରୋଗରୁ ବି ମୁକ୍ତି ମିଳେ ବୋଲି ଆମର ବିଶ୍ୱାସ ରହିଛି ?

ଚାର୍ଲଟ୍ ମନେ ପକେଇଲେ। ଠିକ୍ ଏମିତିକା ଏକ ଷ୍ଟୋରି ଶୁଣାଇଥିଲା ଟୁରିଷ୍ଟଗାଇଡ୍ କୋଣାର୍କ ଟେମ୍ପଲ୍ ଦେଖିଲାବେଳେ। ତାଙ୍କ ମନକୁ ଏକ ପ୍ରଶ୍ନ ଆସିଲା। ବିସ୍ମିତ ଦୃଷ୍ଟିରେ ସେ ପଚାରିଲେ - ଆର୍ ଦେ ହିନ୍ଦୁ ?

ସୋମାରୁ ତା କଥା କହିବାରେ ବ୍ରେକ୍ ଲଗେଇଲା। ଭାବିଲା ଯେତେ ବିଦେଶୀ ପର୍ଯ୍ୟଟକ ଏଠିକି ଆସନ୍ତି ସେମାନେ ଖାଲି ବଣ୍ଡାଯୁବତୀଙ୍କ ଉନ୍ମୁକ୍ତ ଦେହର ଫଟୋ ଉଠାନ୍ତି। ତାଙ୍କଠୁ ମାଳି କିଣନ୍ତି ଆଉ କ'ଣ ଟିକେ ଲୋକକଥା ଶୁଣି ଫେରିଯାଆନ୍ତି। ଆଉ ଏ ବିଦେଶିନୀ ମ୍ୟାଡାମ୍ 'ସିଙ୍ଗିଆର୍କେ' କୁ ନେଇ କୋଣାର୍କ ସିହତ ଯୋଡ଼ିଲେଣି। ପୁଣି ପଚାରିଲେଣି ବଣ୍ଡାମାନେ ହିନ୍ଦୁ କି ନୁହଁ! ଏଥର ସୋମାରୁ କିଛି ଚିନ୍ତାକଲା ତାପରେ ଚାର୍ଲଟଙ୍କ ଉଦ୍ଦେଶ୍ୟରେ କହିଲା -ୟେସ୍ ମ୍ୟାଡାମ୍ ! ଦେ ଆର୍ ହିନ୍ଦୁଜ୍। ଆପଣ ପ୍ରାଚୀନ ସିନ୍ଧୁ ସଭ୍ୟତାର ଦର୍ଶନ ଏଇଠି ପାଇପାରିବେ। ଦେଖନ୍ତୁ ସେଇ ଘରର କବାଟ ଦେହରେ ଗୋଟିଏ ଚକ୍ର ଖୋଦିତ ହେଇଛି। ପ୍ରାୟତଃ ସେହି ଚିହ୍ନ ଅଧିକାଂଶ ବଣ୍ଡାଘରର ଦରଜାରେ ଦେଖିପାରିବେ। ତାହା ହେଉଛି ଉଦିତ ସୂର୍ଯ୍ୟ। 'ସିଙ୍ଗିଆର୍କେ'ଙ୍କ ପ୍ରତୀକ। ଗୃହ ନିର୍ମାଣ ସମୟରେ ହିନ୍ଦୁ ପରମ୍ପରାରେ ଥିବା ବାସ୍ତୁ ଶାସ୍ତ୍ର ଅନୁଯାୟୀ ବଣ୍ଡାମାନଙ୍କର ଗୃହ ନିର୍ମାଣ କରାଯାଏ। ନୂଆଘର ପ୍ରତିଷ୍ଠା ବେଳେ ଆମ୍ବଡାଳ ଟଙ୍ଗାଇ ପୂଜାକରାଯାଇଥାଏ। କେବଳ ସେତିକି ନୁହେଁ ହିନ୍ଦୁ ଦର୍ଶନ ପରି ଏଇଠି ବି ମହାପ୍ରସାଦ ବନ୍ଧୁ ବା ମିତ୍ରତା ସ୍ଥାପନ କରାଯାଏ। ପ୍ରାକ୍ ସ୍ୱାଧୀନତା ସମୟରେ ସେହିପରି ମିତ୍ରତାରେ ବାନ୍ଧି ହେଇଥିଲେ ବିଶିଷ୍ଟ ନୃତତ୍ତ୍ୱବିଦ୍ ଭେରିୟାର ଏଲୱିନ୍ ଏହି ମୁଦୁଲିପଡ଼ାର ମିଲିଆ ବଡ଼ନାଏକ ସହିତ। ଯିଏ କି ତାଙ୍କ ଗବେଷଣାରେ ନୂତନ ଅଧ୍ୟାୟ ଯୋଡ଼ି ଦେଇଥିଲା।

ମହାପ୍ରଭୁଙ୍କଠାରେ ଲାଗି ହେଇଥିବା ଭୋଗ ଜଣକୁ ଅର୍ପଣ କରି ତାଙ୍କ ସହିତ ମହାପ୍ରସାଦ ବନ୍ଧୁ ବାନ୍ଧିହେବ।

ଚାର୍ଲଟ୍ କହି ଉଠିଲା - 'ଆଇ ନୋ; ମହାପ୍ରସାଦ ଇଜ୍ ରିଲେଟେଡ୍ ଟୁ ପ୍ରସାଦ ଅଫ୍ ଜଗନ୍ନାଥ।'

ପୂଜାପାର୍ବଣ, ଜନ୍ମ, ମୃତ୍ୟୁ, ଶ୍ରାଦ୍ଧପଦ୍ଧତି ସବୁଥିରେ ହିନ୍ଦୁତ୍ୱର ଛାପ। ଆଉ ପାଟଖଣ୍ଡା ପୂଜାବେଳେ ମୁଖ୍ୟପୂଜକ ଯେଉଁ ମନ୍ତ୍ର ଉଚ୍ଚାରଣ କରନ୍ତି ସେଥିରେ ଯେଉଁ ବଣ୍ଡା ଭାଷାରେ 'ହଉମ' ଉଚ୍ଚାରଣ କରଯାଏ ଗବେଷକ କହନ୍ତି ସେହି ଧ୍ୱନୀରୁ 'ଓଁ ର ସୃଷ୍ଟି।

ହାଓ ଷ୍ଟ୍ରେଞ୍ଜ୍ ! ଚାର୍ଲଟଙ୍କ ବାନ୍ଧବୀ କହିଉଠିଲେ।

ପୁଣି ବଣ୍ଡା ଲୋକଗଳ୍ପ ଓ କିମ୍ବଦନ୍ତୀରେ ସବୁଠୁ ଗୁରୁତ୍ୱ ଦିଆଯାଇଛି ରାମାୟଣ ଓ ମହାଭାରତର ଚରିତ୍ରମାନଙ୍କୁ। ସେମାନଙ୍କ ଭିତରୁ ମର୍ଯ୍ୟାଦା ପୁରୁଷ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ଭୀମଙ୍କୁ ନେଇ ଗଢ଼ି ଉଠିଛି ଅନେକ କିମ୍ବଦନ୍ତୀ । ଏଇ ମୁଦୁଲିପଡ଼ାରେ ରହିଛି ସୀତାଙ୍କ ସ୍ମୃତି ବିଜଡିତ ସୀତାକୁଣ୍ଡ। ଆଉ ପାଟଖଣ୍ଡା ଓ ଧାନଚାଷ ସଂପର୍କୀତ ଲୋକକଥାରେ ଭୀମ ହିଁ ମହାନାୟକ। ଆମ କିମ୍ବଦନ୍ତୀରେ ମହାପ୍ରଭୁଙ୍କ ପତ୍ନୀ ସୀତା ହେଉଛନ୍ତି ମହାଲକ୍ଷ୍ମୀ। ସେ ଶସ୍ୟ ଓ କୃଷିର ଦେବୀ। ତାଙ୍କୁ ପୂଜା କଲେ ଭଲ ଶସ୍ୟ ହୁଏ ବୋଲି ଆମର ବିଶ୍ୱାସ ରହିଛି। ଯାହାକି ହିନ୍ଦୁ ଧର୍ମର ମହାନ ଗ୍ରନ୍ଥ "ଋକ୍‌ବେଦ"ର କୌଶଳ ସୂତ୍ରରେ ବର୍ଣ୍ଣିତ। "ସିଙ୍ଗିବୋର" ଲୋକକଥାରେ ଏମିତି ପଶୁର ବର୍ଣ୍ଣନା ରହିଛି ଯାହା ବିଷ୍ଣୁଙ୍କ ବରାହ ଅବତାର ସହିତ ସାମ୍ୟ ରଖେ। ଆଉ ସେହି ପ୍ରାଣୀ ସଂପର୍କରେ ତୈତେରୀୟ ସଂହିତା ଓ ତୈତେରୀୟ ବ୍ରାହ୍ମଣରେ ବର୍ଣ୍ଣିତ।

ଚାର୍ଲଟ ଏବେ ସୋମାରୁକୁ କହିଲେ ସେମାନେ ବିଶ୍ରାମ ନେବାକୁ ଚାହୁଁଛନ୍ତି। ସାଥୀରେ ନେଇଥିବା ବେଡ୍‌ସିଟ୍ କୁ ଗୋଟେ ଗଛମୂଳରେ ମେଲିଦେଲା ସୋମାରୁ। ସମସ୍ତେ ବିଶ୍ରାମ ନେଲେ। ସେତେବେଳକୁ ସୂର୍ଯ୍ୟ ମୁଣ୍ଡ ଉପରେ। ସୋମରୁ ସାଥୀରେ ନେଇଥିବା ବ୍ରେଡ୍‌ରେ ବଟର୍ ଲଗେଇ ସେମାନଙ୍କ ହାତକୁ ବଢ଼େଇଲା। ବିଦେଶିନୀଙ୍କୁ ଦେଖୁଥିବା ପିଲା କେତେଜଣ ବେଶ୍ ଭିଡ଼ ଜମେଇଥିଲେ ସେଇଠି। ଅଧିକାଂଶ ପିଲା ଥିଲେ ପୁରାପୁରି ଲଙ୍ଗଳା। ଚାର୍ଲଟ୍ ସୋମରୁକୁ କହିଲେ ସେମାନଙ୍କୁ କିଛି ଦବାକୁ ବ୍ରେଡ୍‌ରୁ କିଛି ସୋମରୁ ଦେଲା ପିଲାଙ୍କ ଆଡ଼। ପିଲାମାନେ ହାତରେ ବ୍ରେଡ୍ ନେଇ ଧାଇଁଲେ ଆଉ ଖଣ୍ଡ ଖଣ୍ଡ କରି ତଳକୁ ଫିଙ୍ଗିଦେଲେ।

ହ୍ୱାଟ୍ ହେପେନ୍ ମମ୍ : ଚାର୍ଲଟଙ୍କ ଆଡ଼କୁ ଅନାଇ

ତାଙ୍କ ଝିଅ ଏମିଲି ବିସ୍ମିତ ଦୃଷ୍ଟିରେ ପଚାରିଲା।

କିଛି ଭାବିବେନି। ସେମାନେ ପାରଂପରିକ ଖାଦ୍ୟ ସୁଆଁ, ମାଣ୍ଡିଆ, ଭାତ ଖାଇବାକୁ ପସନ୍ଦ କରନ୍ତି। ଆଉ ସେଇଟା ବଣ୍ଡାମାନଙ୍କର ନିଜ ଉତ୍ପାଦିତ ଖାଦ୍ୟଶସ୍ୟ । କିଛି ବର୍ଷ ପୂର୍ବେ ଏସିଆଟିକ୍ ରିସର୍ଚ୍ଚ ସେଣ୍ଟରର ଲୋକେ ମାଛକୁଣ୍ଡ ନଦୀର ଅବବାହିକା, ଚିତ୍ରକୋଣ୍ଡା ଓ ବାଲିମେଲା ଅଞ୍ଚଳରୁ ତିନିଶହ ପ୍ରକାର ଧାନର ନମୁନା ସଂଗ୍ରହ କରିଥିଲେ। ଆଉ ବଣ୍ଡାମାନେ ଯେ ପୃଥିବୀରେ ପ୍ରଥମେ ଧାନଚାଷ କରିଥିଲେ ତା'ର ପ୍ରମାଣ ବି ସେମାନେ ପାଇଥିଲେ। କାରଣ ଏହି ସଭ୍ୟତା ଥିଲା ସବୁଠାରୁ ପ୍ରାଚୀନ ସଭ୍ୟତା।

ଚାର୍ଲଟ୍ କହିଉଠିଲେ, ବଟ୍ ଦେ ଆର୍ ଭେରି ପୁଅର।

ସୋମାରୁ ଦୃଢ଼ ଆତ୍ମ ବିଶ୍ୱାସର ସହିତ କହିଲା, ଅନ୍ୟର ସଂସ୍କୃତିକୁ ସେମାନେ ଆପଣେଇ ନିଅନ୍ତି ନାହିଁ। ଦେଖନ୍ତୁ ତାଙ୍କ ବେଶଭୂଷା। ଅନେକଥର ତାଙ୍କୁ ଆଧୁନିକ କରେଇବା ପାଇଁ ଲୁଗା ପିନ୍ଧା ଯାଇଛି। କିନ୍ତ ସେମାନେ ତାହା ଗ୍ରହଣ କରି ନାହାନ୍ତି। ବରଂ ସୁଲୁପସାର ଓ ଇନ୍‌ସିଏ ଗଛର ବକଳରୁ ସୂତା ପ୍ରସ୍ତୁତ କରି ବସ୍ତ୍ର ତିଆରି କରିଥାନ୍ତି ବଣ୍ଡାରମଣୀ। ଏହି ବୃକ୍ଷ ସାଧାରଣତଃ ଆଫ୍ରିକା, ଦକ୍ଷିଣ ଆମେରିକା, ଇଣ୍ଡୋନେସିଆ ଏବଂ ଓସେନିଆ ଅଞ୍ଚଳରେ ଦେଖାଯାଏ। ବଣ୍ଡା ରମଣୀର ଲୁଗାବୁଣା ଶୈଳୀ ପାରଂପରିକ। ତାହା ନିକୋବର ଏବଂ ଓଗାଣ୍ଡା ଅଂଚଳର ଲୁଗାବୁଣା ଶୈଳୀ ସହିତ ପ୍ରାୟତଃ ସମାନ।

ପ୍ରାଚୀନ ହିନ୍ଦୁ ମାଇଥୋଲୋଜିରେ ସେହି ଭଳି ବସ୍ତ୍ର ପରିଧାନ ସଂପର୍କରେ ବର୍ଣ୍ଣନା ରହିଛି। ଏବେ ବି ଆଧୁନିକ ଓଡ଼ିଶାର ମହିମା ପନ୍ଥୀମାନେ ସେହି ଶୈଳୀ ଅନୁସରଣରେ କୌପୁନୀ ପରିଧାନ କରନ୍ତି।

ଏବେ ସେମାନେ ସମସ୍ତେ ଉଠି ଛିଡାହେଲେ। ସୋମାରୁ ତାଙ୍କୁ ଧାଂଡୀ ଘର ଆଡେ ନେ ଚାଲିଲା । ଯେଉଁଠି ବଣ୍ଡା ଜୀବନର କଳା ସଂସ୍କୃତିର ସୁରଭି ବିଛେଇ ହେଇପଡ଼େ। ରାତି ରାତି ଧରି ଜମିଉଠେ ନାଚଗୀତର ଆସର । ଏଠାକାର ବିବାହ ପରଂପରା ଏହି ଧାଂଡୀ ବସାକୁ କେନ୍ଦ୍ର କରି ସଂଗଠିତ ହୁଏ ଗଣତାନ୍ତ୍ରିକ ପଦ୍ଧତିରେ। ଗାଁର ଅବିବାହିତ ଝିଅମାନେ ଏହି ଧାଂଡୀ ବସାରେ ନାଚଗୀତ କରିରାତି କଟାଇଥାନ୍ତି। ସେମାନଙ୍କ ଭିତରୁ କାହାକୁ ଯଦି ପୁଅଟିଏ ପସନ୍ଦ କଲା ତେବେ ସ୍ୱୟଂବର ଶୈଳୀରେ ଖଡୁ ନଚେତ ହସ୍ତମୁଦ୍ରିକା ପିନ୍ଧେଇ ମନୋନୀତ କରିଥାଏ। ପରେ ଘର ଲୋକଙ୍କ ସମ୍ମତିରେ ବାହାଘର ହୁଏ। କିନ୍ତୁ ବୟସ ଦୃଷ୍ଟିରୁ ପୁଅଠାରୁ ଝିଅଟି ବୟସରେ ବଡ଼ ହେଇଥାଏ। ଏହା ହିଁ ବଣ୍ଡା ବିବାହର ବୈଚିତ୍ର।

ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ସେମିନାର କକ୍ଷରେ ଚାର୍ଲଟ୍ ଯାହା ଶୁଣୁଥିଲେ, ସୋମାରୁର ଜ୍ଞାନଗର୍ଭକ ଉପସ୍ଥାପନା ଆଗରେ ସେସବୁ ନିଷ୍ପ୍ରଭ ମନେ ହେଉଥିଲା। ଯାହା ସେ ଅନୁଧ୍ୟାନ କରିବାକୁ ଚାହୁଁଥିଲେ, ତାଠୁ ଖୁବ୍ ଅଧିକ ପାଇଲେ ସୋମାରୁ ନିକଟରୁ। ମିଳିଲା ବିଭିନ୍ନ ଶୈଳୀର ଫଟୋ, ଜ୍ଞାନ ଦର୍ଶନର ଆଦିମ ଉତ୍ସ। ତେବେ ବଣ୍ଡାଘାଟିରୁ ଫେରିବା ପୂର୍ବରୁ ସେ ବଣ୍ଡାରମଣୀମାନେ ବ୍ୟବହାର କରୁଥିବା ରଂଗବେରଂଗର ମାଳି ଓ ଖଡୁ ନେବାକୁ ଇଚ୍ଛା କରୁଛନ୍ତି ବୋଲି ସୋମାରୁ ଆଗରେ ପ୍ରକାଶ କଲେ।

ଅନତି ଦୂରରେ ଛିଡ଼ା ହେଇଥିବା ବଣ୍ଡାରମଣୀଙ୍କ ପାଖରେ ଯାଇ ସେ ବିଦେଶିନୀଙ୍କ ଉଦ୍ଦେଶ୍ୟ ଜଣେଇଲା। ସେମାନେ ତାଙ୍କ ଭାଷାରେ ସୋମାରୁ ସହିତ କଥାବାର୍ତ୍ତା କଲା ପରେ ଗୋଟେ କୁଡ଼ିଆ ଘର ଭିତରକୁ ପଶିଲେ। ଆଉ କୁଡ଼ିଆ ଭିତରୁ କିଛି ରଂଗବେରଂଗର ମାଳି ଧରି ବାହାରି ଆସିଲେ।

ଚାର୍ଲଟକୁ ଅନେଇ ସୋମାରୁ କହିଲା - ଦେ ୱାଣ୍ଟ ମନି।

- ଓ. କେ. ।

ତାପରେ ଭ୍ୟାନିଟି ଭିତରୁ ପାଞ୍ଚ ଶ ଟଙ୍କିଆ ନୋଟ୍ ଖଣ୍ଡେ ବାହାର କରି ସୋମନଙ୍କ ଆଡ଼କୁ ବଢ଼େଇଦେଲେ ଚାର୍ଲଟ୍।

ଦିସ୍ ଇଜ୍ ଠୁ ମଚ୍ ମ୍ୟାଡାମ୍, ସୋମାରୁ କହିଲା।

ହେଲେ ଚାର୍ଲଙ୍କ ଉକ୍ତି ଥିଲା, 'ଆଇ ନୋ,ବଟ୍ ଆଇ ୱାଣ୍ଟ ଟୁ ହେଲ୍ପ, ଦେମ୍'।

ସୂର୍ଯ୍ୟ ଏବେ ପଶ୍ଚିମ ଆକାଶରେ । ସୋମରୁ କହିଲା, ଏବେ ଆମକୁ ଫେରିବାକୁ ହବ। ବିଦେଶିନୀ

ଚାହୁଁଥିଲେ ସେଇଠୁ ନ ଫେରିବା ପାଇଁ। କାରଣ ଯେତିକି ଅଧିକ ସମୟ ସେ ସେଠାରେ ରହିବେ ସୋମାରୁ ତାଙ୍କୁ କ୍ରମଶଃ ରହସ୍ୟମୟ ଜଗତକୁ ନେଇ ଯାଉଥିଲେ। ଏବେ ଚୈତ୍ର ପରବର ସମୟ। କାଲିଠୁ ପର୍ବ ଆରମ୍ଭ। କେବଳ ଶିକାର ଓ ନାଚଗୀତରେ ସେମାନେ ହଜେଇ ଦେବେ ନିଜକୁ। ଗାଁ ଭିତରୁ ଫେରିବା ବେଳକୁ ଦେଖିଲେ ବଣ୍ଡା ତରୁଣୀ କେତେଜଣ ଗୋଟେ ଗଛମୂଳରେ ଠିଆ ହେଇ ଗାଉଛନ୍ତି -

ଆନେ ନେ.... ନେଆନେ... ନେ ...ନେ...

ଆମ୍ଭ ଅଗ୍ରିଗ ନେଲୈ

ଆମ୍ଭ ଓ ଓଣ୍ଡେର ଅଃ ତନେ ଲୈଡ଼ାଇ

ଆନେ ନେ.... ନେଆନେ... ନେ ...ନେ...

ସୋମାରୁ ଚାର୍ଲଟଙ୍କୁ କହିଲା -ଦିସ୍ ଇଜ୍ ଦେୟାର ଫୋକ୍ ସଙ୍ଗ।

ସେମାନେ ଫେରିଲେ। ମୁଦୁଲିପଡ଼ା ପଛରେ ରହିଗଲା। ଇତିହାସର ସେହି ଆଦିମାନବମାନେ ଦୂର ଦିଗବଳୟରେ ହଜି ଯାଉଥିଲେ। ଗାଡ଼ି ଚାଲିଥିଲା ଆଗକୁ। ଆକାଶରେ ଜହ୍ନର ସାନ୍ଧ୍ୟଭ୍ରମଣ ଆରମ୍ଭ ହେଇ ସାରିଥିଲା। ରାସ୍ତାଯାକ ସୋମାରୁ କିମ୍ବଦନ୍ତୀ ଓ କାହାଣୀର ଅକୁହା ପେଡ଼ିତଳ ଖୋଲି ଦେଉଥିଲା ଦପ୍ତରୀ ଫାଇଲ୍ ପରି । ମାଲକାନଗିରିରେ ପହଞ୍ଚିଲା ବେଳକୁ ରାତି ଆଠ।

ସର୍କିଟ୍ ହାଉସ୍‌ରେ ଗାଡ଼ି ଲାଗିଲା। ସୋମାରୁ ବିଦାୟ ନେବାକୁ ଚାହିଁଲା । ଚାର୍ଲଟ୍ ତା ହାତକୁ ବଢ଼େଇ ଦେଲେ ପାଞ୍ଚ ହଜାର ଟଙ୍କା। ସୋମାରୁ ମନା କଲା। ଚାର୍ଲଟ୍ ବାଧ୍ୟକଲେ। କହିଲେ - ୟୁ ଆର୍ ଭେରି ଟେଲେଣ୍ଟେଡ୍ ଆଇ ଲାଇକ୍ ୟୁ।

ସୋମାରୁ ବିଦାୟ ନେଲା। ରାତିରେ ଚାର୍ଲଟଙ୍କ ଆଖିରେ ନିଦ ନାହିଁ। ଭିଡିଓ ରେକଡିଂ କରିଥିବା କ୍ୟାସେଟ୍‌କୁ ରିପ୍ଲେ କରି ବାରମ୍ବାର ଦେଖୁଥିଲେ ନୂତନ ଭଙ୍ଗୀରେ। ତହିଁ ପରଦିନ ସେ ଫେରିଗଲେ ସ୍ୱିଡେନ୍। ସ୍ୱିଡେନ୍‌ରେ ପହଞ୍ଚିଲା ପରେ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ୍, ସେମିନାର ଓ ପ୍ରଦର୍ଶନୀମାନଙ୍କରେ ନୂତନ ଢ଼ଙ୍ଗରେ ବିଶ୍ୱର ଆଦିମାନବ ବଣ୍ଡାଙ୍କ ସଂପର୍କରେ ସ୍ୱତନ୍ତ୍ର ଶୈଳୀରେ ଉପସ୍ଥାପିତ କଲେ ଚାର୍ଲଟ୍। ଏତେ ସବୁ ତଥ୍ୟ ସେ ସଂଗୃହୀତ କରିପାରିଛନ୍ତି ବୋଲି ସୋମାରୁ ଉଦ୍ଦେଶ୍ୟରେ କୃତଜ୍ଞତା ଜଣାଇବାକୁ ଭୁଲୁନଥିଲେ। ଆଉ ଶେଷରେ କହୁଥିଲେ, "ଆଇ ଲଭ୍ ଇଣ୍ଡିଆ" ଆଇ ଲଭ୍ ଓଡ଼ିଶା ଆଣ୍ଡ ଆଇ ଲଭ୍ ପିପୁଲ୍ ଅଫ୍ ମୁଦୁଲିପଡ଼ା"।

(ଶ୍ରୀମତୀ ଚାର୍ଲଟ୍ ବିଶ୍ୱବିଖ୍ୟାତ ଚିତ୍ରଶିଳ୍ପୀ ପି.କେ. ମହାନନ୍ଦିଆଙ୍କ ପତ୍ନୀ । ତାଙ୍କ ମୁଦୁଲିପଡ଼ା ଭ୍ରମଣର ଏହା ଏକ ସ୍ୱତନ୍ତ୍ର ଉପସ୍ଥାପନା)

*ଅଧ୍ୟାପକ : ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର*

# ବଡ଼ଭାଇ

ସଦାନନ୍ଦ ତ୍ରିପାଠୀ

ଶିକ୍ଷା ଜଣେ ଯୁବକକୁ ନିର୍ବୋଧ ମଧ୍ୟ କରିଦେଇପାରେ। ରତନପୁରର ରଘୁନାଥ ବିଷୟରେ ଯିଏ ଜାଣେ, ତାକୁ ଆଉ ସେକଥା ବୁଝାଇବାକୁ ପଡ଼ିବନି।

ଗାଁରେ ରହି, ତାହା ପୁଣି ରତନପୁର ଭଳି ଗାଁରେ : ଯେଉଁଠାକୁ ଏବେ ବି ବିଜୁଳି ଯାଇନି, ଅନର୍ସ ଡିଷ୍ଟିଂସନ୍ ସହ ବି.ଏ.ପାଶ୍ କରିବା କ'ଣ ମାମୁଲି କଥା ହେଇଛି ? ଦୁଇ ମାଇଲ୍ ଦୂର ଶଳପଦରରେ କଲେଜଟିଏ ଖୋଲିଯାଇଥିବାରୁ ଗାଁରୁ ସାଇକେଲ୍‌ରେ ଯା'ଆସ କରି ସେ ସେତିକି କୃତିତ୍ୱ ହାସଲ କରିପାରିଥିଲେ।

ଏପରି ଦାରୁଣ ସମୟରେ, ଯେତେବେଳେ କି କୌଣସି ସହରରେ ସୁଦ୍ଧା ଶିକ୍ଷିତ ଯୁବକଙ୍କ ପାଇଁ କେଉଁ ଘରୋଇ ସଂସ୍ଥାରେ ବି କିଛି ଚାକିରି ଖାଲି ନାହିଁ, ଗାଁ ଗଣ୍ଡା ଗୁଡ଼ିକରୁ ହଜାର ହଜାର ସଂଖ୍ୟାରେ ଶିକ୍ଷିତ ଅଶିକ୍ଷିତ ପିଲା ତଥାପି ସହର ଆଡ଼କୁ ଛୁଟିଛନ୍ତି। ଅଶିକ୍ଷିତ ପିଲାମାନେ ବରଂ କୁଲି ମଜୁରି ଖଟି ଦି ପଇସା ରୋଜଗାର କରି ପାରୁଛନ୍ତି ଓ କେବେ କେମିତି ଘରକୁ ମନିଅର୍ଡର ପଠାଉଛନ୍ତି। ତାହା ଦେଖି ଈର୍ଷା ଓ ଅସ୍ଥିରତାରେ ଶିକ୍ଷିତ ପିଲାଙ୍କ ବାପା-ମା ସେମାନଙ୍କ ପ୍ରାଣକୁ ବାଧିଲା ଭଳି ପଦେ ଦି'ପଦ କହିଦେଉଛନ୍ତି।

ରଘୁନାଥର ମା' ଅବଶ୍ୟ ଟାଆଁଶ ପ୍ରକୃତିର ଓ ତା'ଣ କଥା ମଧ୍ୟ ଭାରି ଟାଇଁଟାଇଁ। କିନ୍ତୁ ବାପା ଗୋବିନ୍ଦ ଗୋଟାପଣେ ନିଦାବିଷ୍ଣୁ। ସେ ଜଣେ ମଧ୍ୟମ ଧରଣର ଚାଷୀ ଖାଇବା ପିଇବା ବେଶ୍ ଚଳିଯାଏ। ବଡ଼ପୁଅ ରିପୁନାଥ ସହ ସେ ନିଜେ ଯାଇ ନିଜ ବିଲରେ ଖଟେ । ରୁଆ ବେଉଷା ବେଳେ ସ୍ତ୍ରୀ ମନ୍ଦାକିନୀ ମଧ୍ୟ ସାହାଯ୍ୟ କରେ । ତାଙ୍କର ନିଜର ହଳ ଲଙ୍ଗଳ ଅଛି । ହଳେ ବଳଦ, ତିନିପଟ ଗାଈ, ଦୁଇଟି ବାଛୁରୀ ଅଛନ୍ତି। ବାରମାସୀ ଅଷ୍ଟକାଳୀ ଦୁଇଟି ବା ଗୋଟିଏ ଗାଈ ନିଶ୍ଚୟ ଦୁହାଁ ହେଉଥାନ୍ତି। ହେଲେ ଗାଁ ଗାଈମାନେ କେତେ ବା ଖିର ଦିଅନ୍ତି ? ଦେଲେ ବି ଗାଁରେ କିଏ ବା ଖିର ପାଇଁ ମୂର୍ଚ୍ଛିକରି ପଇସା ପଇଠ କରେ ?

ପାଠ ପଢ଼ିବା ବେଳେ ରଘୁନାଥକୁ କିଏ କିଛି କହୁନଥିଲେ। ବି.ଏ.ପାଶ୍ କରି ଚାରିବର୍ଷ ବିତିଗଲା ପଛେ, ଗାଈ ଦୁହିଁବା କାମଟା ହେଲେ ଶିଖିଥା'ନ୍ତା। ପାଠ ପଢ଼ିଛି ବୋଲି ବିଲରେ ଯାଇ କାଦୁଅମାଦୁଅ ହେବାକୁ ଖରାପ ଲାଗୁଛି। ଧାନ ଅମଳ ବେଳେ ଖଳରେ ବେଙ୍ଗଳା ପକାଇବାକୁ ହେଲେ ଟିକିଏ ସାହାଯ୍ୟ କରନ୍ତା କି ଦାମୁଡ଼ିଆ ପଛରେ ଘଣ୍ଟେ ଦି'ଘଣ୍ଟା ବୁଲନ୍ତା ! କିଛି ନାହିଁ। ଖାଲି ଘରେ ବସି ମୁହଁ ଆଗରେ ବହିଖଣ୍ଡେ ମେଲାଇ ଧରିଥିଲେ ଜୀବନ କଟିଯିବ ? ବଡ଼ଭାଇ ତ ପୁଣି ହଳ କରୁଛି। ମଇ ଦେଉଛି। ଧାନ ରୋଉଛି। କାଟୁଛି। କଲେଇ ବାନ୍ଧୁଛି। ମଣ୍ଡରେ ବୋହି ଖଳାକୁ ଆଣୁଛି। ଗଦାକରୁଛି। ବେଙ୍ଗଳା ପକାଇ ଧାନ ମଳୁଛି। ଉଡ଼ାଉଛି। ଧାନ, ଅଗାଡ଼ି ଅଲଗା କରି ଘରକୁ ଆଣୁଛି। ଖଣି ପକାଉଛି। ବିହନ ବାନ୍ଧୁଛି ପୁଡୁଗରେ । ମିଲ୍‌କୁ ଧାନ ନେଉଛି ଶଗଡ଼ରେ। ଧାନ ଚୂରାଇ ଚାଉଳ, କୁଣ୍ଡା ଅଲଗା ଅଲଗା କରି ଆଣୁଛି। ଚାଉଳକୁ ଯତ୍ନରେ ରଖୁଛି କନ୍ଦିରେ କି ବସ୍ତାରେ। ଖଳାରୁ ପାଳ ଝାଡ଼ି ଆଣି ଗଦାକରି ରଖୁଛି ବାଡ଼ିପଟେ। ପ୍ରତିଦିନ ସନ୍ଧ୍ୟାରେ ଗଦାରୁ ପାଳ ଝିଙ୍କି ଆଣି ଗୋରୁଙ୍କ ମୁହଁରେ ମଡ଼ାଉଛି, ଗୁହାଳରେ। ସକାଳେ ଗାଈଙ୍କୁ ଗୁହାଳରୁ ଆଣି ବାନ୍ଧୁଛି ଦାଣ୍ଡ ପଟ ଖୁଣ୍ଟିରେ। ବଳଦ ଦୁଇଟିଙ୍କୁ କୁଣ୍ଡାହାଣ୍ଡି ପାଖରେ। ସେଥିରେ ସେମାନଙ୍କୁ କୁଣ୍ଡା ତୋରାଣି ଦେଉଛି। ଗଉଡ଼ ଆସି ଗାଈଙ୍କୁ ପିଟାଇ ନେବା ପୂର୍ବରୁ ଖିର ଦୁହୁଁଛି। ଗାଈ ଫିଟିବା ପରେ ଗୋବର ସବୁ ଏକାଠି କରି ଘଷି ପାରୁଛି। ପଘାଗୁଡ଼ିକୁ ଖୁଣ୍ଟିରୁ ବାହାର କରି ନେଇ ଗୁହାଳରେ ରଖୁଛି। ବଳଦ ଦୁଇଟିକୁ ଗାଧୋଇ ନେଉଛି। ସଞ୍ଜ ବେଳେ ଗୋଠରୁ ଗାଈ ଫେରିଲେ ସେମାନଙ୍କୁ ଗୁହାଳରେ ପୂରାଇ ପାଳ ମଡ଼ାଇବା ପରେ ତାଟି ବନ୍ଦ କରୁଛି।

ରିପୁନାଥ ବି.ଏ. ନପଢ଼ିଥିଲେ କ'ଣ ହେଲା, ମେଟ୍ରିକ୍ ତ ପାଶ୍ କରିଛି।

ରିପୁନାଥ ଥରେ ଥରେ ବୁଝାଇବା ଭଳି ରଘୁନାଥକୁ କହେ - କିଛି କିଛି କାମ ଶିଖିଯା' । ବହିପତ୍ର ପଢ଼ିବାକୁ ମନା ନାହିଁ। ଯେତେବେଳେ ପଢ଼ାପଢ଼ି କରୁନୁ, ଘରକାମ ଟିକିଏ ଟିକିଏ କରୁଥା'। ଯୁଗ ଯାହା ହେଲାଣି, ଚାକିରୀ ମିଳିବ ବୋଲି କି ଭରସା ?

କେବେ କେମିତି ସେତିକିମାତ୍ର କହେ। ଭାଇ ଯୁବକ ହେଲାଣି। ତେଣୁ ତା' କଥାରେ ସେ ନ ଚଳିଲେ ମଧ୍ୟ ରିପୁନାଥ ଅଧିକ କଟୀଳ କି କଟାକ୍ଷ କରେନା। ବାପା ତ କିଛି ହିଁ କହେନା ରଘୁନାଥକୁ । କିନ୍ତୁ ମା' କହେ। ବେଳେବେଳେ ହାଡ଼ ଜଳିଲା ଭଳି ଠୋ' ପଟକା କହିଦିଏ। ଥରେ ଥରେ ତ ଏମିତି ବି କହିଦିଏ - ରାତି ପାହିଲା ବେଳକୁ ତୁ ଆଉ ଜୀବନ ଧରି ରହିନଥାନ୍ତୁ କି !

ରିପୁନାଥର ବାହାଘର ହୋଇଥାଏ ଦୁଇମାସ ତଳେ ଓ ଭାଉଜଟି ରଘୁନାଥ ପ୍ରତି ସଦୟ ଓ ଯତ୍ନଶୀଳ ଥାଏ। ରଘୁନାଥ

ଠାରୁ ବୟସରେ ଚାରିବର୍ଷ ସାନ ହେଲେ ହେଁ ଭାଉଜ ତାକୁ ସାନଭାଇ ଭଳି ଆଦର କରୁଥାଏ । ରଘୁନାଥ ବୁଝୁଥାଏ ଯେ ସେଇଟା ନାରୀମାନଙ୍କର ବିଶେଷତ୍ୱ ବା ବୈଚିତ୍ର୍ୟ । ସେମାନେ ଜଳଭଳି ଯେ କୌଣସି ପାତ୍ରର ଆକୃତିକୁ ଗ୍ରହଣ କରିନିଅନ୍ତି ଓ ଇଚ୍ଛାକଲେ ନିଜକୁ ସେ ପାତ୍ରରୁ ପ୍ରତ୍ୟାହାର ମଧ୍ୟ କରିନେଇପାରନ୍ତି । କିଏ ତାଙ୍କ ଯୋଗୁଁ ତପ୍ତ ମରୁଭୂମିରେ ଜିଅନ୍ତା ମାଛଟି, ଭଳି ଛଟପଟ ହେଉଛି ତାହା ଦେଖିବାକୁ ଆଉ ଥରେ ସୁଦ୍ଧା ପଛକୁ ବୁଲି ଦେଖନ୍ତିନି । ଜଣେ ନାରୀର ବ୍ୟବହାର କୌଶଳ ଅନ୍ୟ ଜଣକର ଅଭ୍ୟାସ ଠାରୁ ଅଲଗା ହୋଇପାରେ । କିନ୍ତୁ ଯେକୌଣସି ମଣିଷ ପ୍ରତି ଜଣେ ନାରୀର ବ୍ୟବହାର ଶେଷ ପର୍ଯ୍ୟନ୍ତ ଏକାପ୍ରକାର ରହିପାରେନା । ଏପରିକି ନିଜ ସ୍ୱାମୀ ପ୍ରତି । ପୁଅ ପ୍ରତି । ତେଣୁ ଭାଉଜଟି ସୁନ୍ଦରୀ ଓ ସ୍ନେହୀ ହୋଇଥିଲେ ବି ରଘୁନାଥର ମନରେ ସନ୍ଦେହ ଉପୁଜେ - ସେ ନିଶ୍ଚୟ ଛଳନା କରୁଛନ୍ତି ।

ତା' ନହେଲେ ଚାରିବର୍ଷ ତଳେ, ଏପରିକି ବି.ଏ. ପାଶ୍ କରିବା ପରେ କିଛି ମାସ ପର୍ଯ୍ୟନ୍ତ ମା' ତାକୁ କେତେ ଭଲପାଉନଥିଲା ! ମା' ବୋଧହୁଏ ଭାବିଥିଲା ବି.ଏ.ପାଶ୍ କରିବା ପରେପରେ ରଘୁନାଥ ଭଲ ଚାକିରି ଖଣ୍ଡେ ପାଇଯିବ (ଏବଂ ସତରେ କ'ଣ ଚାକିରିଟିଏ ପାଇବାକୁ ସେ ଯୋଗ୍ୟ ନୁହେଁ ନା ଏଇ ଚାରିବର୍ଷ ଭିତରେ ସେ ଡର୍କନେ ସରିକି ଇଣ୍ଟରଭିଉ ଦେଇନି) ଓ ତା'ପରେ ଜୀବନସାରା ତା'ର ଋଣ ଶୁଝିବାକୁ ନିଷ୍ଠାର ସହ ଝାଳନାଳ ହେବ !

ବଡ଼ଭାଇ ବାହାଘରର ଦୁଇମାସ ପରେ, ବାପା ଓ ଭାଇର ବାରଣ ନମାନି, ସେ ଘର ଛାଡ଼ି ସହର ଆଡ଼କୁ ଚାଲିଗଲା ।

ସେତେବେଳକୁ ତାକୁ ଚବିଶ ପୂରି ପଚିଶ ଚାଲିଛି ।

ବୟସ ତୁଳନାରେ ତା'ର ଶାରୀରିକ ଅଭିବୃଦ୍ଧି ସନ୍ତୋଷଜନକ ନଥିଲା । ସ୍ୱାସ୍ଥ୍ୟ ଓ ଉଚ୍ଚତା ମଧ୍ୟମ ଧରଣର । ତା' ମୁହଁରେ ଚାଷୀ ପରିବାର ପିଲାର ସରଳତା ଥିଲେ ବି ଶରୀରର ମାଂସପେଶୀ ସେଭଳି ମଜବୁତ୍ ନଥିଲା । ବେକଟି ଥିଲା ଲମ୍ବା ଓ ସରୁଆ ଏବଂ ବେକ ସମେତ ମୁଣ୍ଡଟି ସାମ୍ନା ପଟକୁ ଓଲେଇ ହୋଇ ରହିଥିଲା । ଗାଲ ଓ ଥୋଡ଼ିର ଆକୃତି ଛୋଟ ହେଲେ ମଧ୍ୟ ତା' ପାଟିଟି ଥିଲା ଓସାରିଆ । ଓଠ ଥିଲା ବହଳିଆ ଓ ମୋଟା । ତା' କପାଳ ଦିଶୁଥିଲା ତେଜୀୟାନ୍ ଓ କପାଳ, ବାମ କାନମୂଳ ଏବଂ ନାକ ଅଗରେ ତା'ର ରହିଥିଲା ତିନୋଟି ଛୋଟ ଛୋଟ କଳାଜାଇ । ନାକ ଅଗର କଳା ଜାଇଟି ପାଇଁ ତା'ନୂଆ ଭାଉଜ ତାକୁ ଦୁଇମାସ ମଧ୍ୟରେ ଚାରିଥର ତାରିଫ୍ କରିସାରିଥିଲା, ଯଦିବା ସେଇ ଜାଇଟି ଯୋଗୁଁ ସେ ରୋଗୀ ପିଲାଟିଏ ପରି ଲାଗେ ବୋଲି ତା'ର ସାଙ୍ଗମାନେ ବାରମ୍ବାର କହିଥିଲେ ।

ସେ କେଉଁ ଜାଗାକୁ ଗଲା ସଠିକ୍ କହିଗଲାନି । ରିପୁନାଥ ଭାବିଥିଲା ହୁଏତ କେଉଁଠାକୁ ଯିବ ସେ ନିଜେ ଠିକ୍ କରିପାରିନଥିବାରୁ ସେମିତି ଚାଲିଗଲା । ଯେଉଁଠି ସ୍ଥିର ହୋଇ ରହିବ ସେଠାରୁ ନିଶ୍ଚୟ ଚିଠି ଖଣ୍ଡେ ଲେଖି ସବୁକଥା ଜଣାଇବ ।

ମାସିଟିଏ ବିତିଗଲା ଚାହୁଁ ଚାହୁଁ । ରଘୁନାଥ ଚିଠି ଆସିଲାନି । ରିପୁନାଥ ଓ ଗୋବିନ୍ଦ ଚିନ୍ତିତ ହୋଇପଡ଼ିଲେ । ମା', ଯିଏ କି ଗତ ତିନି ଚାରିବର୍ଷ ମଧ୍ୟରେ ବହୁତ ଥର ରଘୁନାଥକୁ କଠୋର କଥାମାନ କହିଥିଲା ଓ ସେଥିପାଇଁ ଉଭୟଙ୍କ ମଧ୍ୟରେ କେତେଥର ବୋଲାବୋଲି ମଧ୍ୟ ହୋଇଥିଲା, ମନ ଖୋଲି କାହାକୁ କିଛି ନକହିଲେ ବି ପ୍ରାୟ ଉଦାସ ରହୁଥିଲା । ରିପୁନାଥକୁ ଲାଗେ, ମା ନିଶ୍ଚୟ ଭାବୁଥିବ ତା' ଲାଗି ରଘୁନାଥ ଘର ଛାଡ଼ି ଚାଲିଗଲା । ଗଲା ତ ଗଲା, କେଉଁଠି ରହିଲା, କ'ଣ କଲା କିଛି ଜଣାଇଲା ନାହିଁ ।ଏଇ ମା' ଗୁଡ଼ିକ ବଡ଼ ବିଚିତ୍ର ଜୀବ । ଯୁବକ ପୁଅ ଯଦି ବୁଢ଼ା ବାପର ଖଟଣି ଦେଖି ସୁଦ୍ଧା କାମରେ ତାକୁ ସାହାଯ୍ୟ କରିବା ବଦଳରେ ନିଖଟୁ ପ୍ରାୟେ ବସିରହେ, ସେମାନଙ୍କର ଦେହ ସହେନା । ସେମାନେ ବୁଝିପାରନ୍ତିନି ଯେ ଯୁବକ ପୁଅ ଦୃଷ୍ଟିରେ ବାପା ଓ ମା'ର କଟୁବଚନ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ । ଯିଏ ବି କଠୋର କଥା କହିଲେ ତା'ର ମରମକୁ ବାଧିବ । କଥା-କଥାକେ କାନ୍ଦି ଦେଇପାରେ, ନିଜକୁ ଦୁର୍ବଳ ବୋଲି ଦେଖାଇପାରେ ଜଣେ ମା', ଯାହା ବାପାଟିଏ କଦାପି କରେନା । ତା'ଅର୍ଥ ନୁହେଁ ଯେ ପୁଅଟି, ତା'ଉପରେ ମା'ର ଅଧିକ ଅଧିକାର ରହିଥିବା କଥା ଅନୁଭବ ଓ ଗ୍ରହଣ କରିବ ଏବଂ ସେ ମନଇଚ୍ଛା ଯାହା କହିଦେଲେ ବି ଘେନା କରିବନି । ଏକଥା ଜାଣିନଥିବାରୁ ହିଁ ରଘୁନାଥ ଘର ଛାଡ଼ି ଚାଲିଯିବାରୁ ମା' ବେଶୀ ଭାବନାରେ ଘାରି ହେଉଛି । କିନ୍ତ ସେ ଚାଲିନଯାଇ ଘରେ ରହିଥିଲେ ମା' କ'ଣ ନିଜର ବ୍ୟବହାର କଦାପି ବଦଳାଇଥାନ୍ତା, ଯଦି ସେ ଚାହୁଁଥିବା ପ୍ରକାରେ ନିଜକୁ ବଦଳାଇ ନଥାନ୍ତା ରଘୁନାଥ ?

ଗାଁ ପରିବେଶ ଓ ପରିସ୍ଥିତ ଅନୁସାରେ ନିଜକୁ ବଦଳାଇବାକୁ ଇଚ୍ଛା କଲାନି ବୋଲି ଘର ଛାଡ଼ି ଚାଲିଗଲା ରଘୁନାଥ । ଏଇଟା ଏ ଯୁଗର ଦୋଷ ଅଥବା ଅଭିଶାପ । ରିପୁନାଥ ନିର୍ଣ୍ଣୟ କରେ । ନିଜ ପେଟ ପାଇଁ ମୁଠେ ଯୋଗାଡ଼ କରିବା ପୂର୍ବରୁ ଶିକ୍ଷିତ ପିଲାଟିଏ, ବନ୍ଧନହୀନ ମୁକ୍ତ ପରିବେଶରେ, କେମିତି ହାତଗୋଡ଼କୁ କିଛି ନଲାଗି ଆରାମରେ ରହିବ ସେହିକଥା ଚିନ୍ତାକରେ ।

ଯେଉଁଠି ବି ଯାଇ ରହିଥାଉ ରଘୁନାଥ, ନିଶ୍ଚୟ ସେ ଆରାମରେ ନାହିଁ । ଭଲରେ ଥିଲେ ସେ ଅବଶ୍ୟ ଚିଠି ଲେଖିଥାନ୍ତା ।

ଖବର କାଗଜରେ ପ୍ରକାଶ ପାଇଥିବା ବିଜ୍ଞାପନକୁ ପଢ଼ି ଯେମିତି ଭାବିଥିଲା ରଘୁନାଥ ଚାକିରିଟି ପ୍ରକୃତରେ ସେପରି ନଥିଲା । ବିଜ୍ଞାପନ ପ୍ରକାଶ ପାଇବା ପରେ ସେ ହିଁ ପ୍ରଥମେ ପହଞ୍ଚିଥିଲା ଆଲୋକନାଥଙ୍କ ନିକଟରେ । ସେ ଯେତେ ବଡ଼ କଣ୍ଟ୍ରାକ୍ଟର୍ ହୋଇଥିବେ ବୋଲି ବିଜ୍ଞାପନଟିକୁ ପଢ଼ି ରଘୁନାଥ ଅନୁମାନ

କରିଥିଲା ସେ ସେତେ ବଡ଼ ନଥିଲେ। ତାଙ୍କର ଅଫିସ୍ ବୋଲି କିଛି ନଥିଲା। ଘରଟା ହିଁ ଅଫିସ୍। ଘରଟି ଅବଶ୍ୟ ବଙ୍ଗଳା ପରି । ଚାରିପଟେ ଏକ ବେଢ଼ଉଲ ବଗିଚା। ବଗିଚା ଚାରିପଟେ ଉଚ୍ଚ ପାଚେରି। ଘରେ ରହିଛି ମୂଲ୍ୟବାନ ଆସବାବପତ୍ର। କିନ୍ତୁ ଯତ୍ନ ଅଭାବରୁ ସବୁକିଛି ଅବିନ୍ୟସ୍ତ। ଆଲୋକନାଥଙ୍କର ଗୋଟିଏ କାର ଓ ଗୋଟିଏ ମୋଟର ସାଇକେଲ୍ ଅଛି। ବାହାରେ ହିଁ ତାଙ୍କର ବେଶୀ ସମୟ କଟେ। ବିଭିନ୍ନ ସ୍ଥାନରେ କାମ ଧରିଥିବାରୁ ବହୁବାର ତାଙ୍କୁ ସହର ବାହାରକୁ ଯିବାକୁ ପଡ଼େ।

ବିଜ୍ଞାପନର ସର୍ତ୍ତ ଅନୁଯାୟୀ ରଘୁନାଥ ଯୋଗ୍ୟ ପ୍ରାର୍ଥୀ ଥିଲା। ଉଭୟ ଅଫିସ୍ ଓ ଘରକାମ କରିବା ବ୍ୟତୀତ ଆଲୋକନାଥଙ୍କ ଘରେ ହିଁ ତାକୁ ରହିବାକୁ ପଡ଼ିବ ବୋଲି ବିଜ୍ଞାପନରୁ ସେ ଜାଣିଥିଲା।

ସହରରେ ପହଞ୍ଚି ରଘୁନାଥ ବିସ୍ମୟ ବିମୂଢ଼ ହୋଇ ଯାଇଥିଲା। ଏତେ ବଡ଼ ସହର। ଏତେ ସୁରମ୍ୟ ଅଟ୍ଟାଳିକା। ଆଖି ଝଲସାଇ ଦେବା ଭଳି ବଜାର। ଛନ୍ନ ଲାଗିଲା ପରି ଗହଳି। ଅସଂଖ୍ୟ ଗାଡ଼ି ମୋଟର। ରାସ୍ତା ଉପରେ ହଜାର ହଜାର ଲୋକେ ହାଉଯାଉ। ଏତେ ବଡ଼ ସହର ସେ ପୂର୍ବରୁ କେବେ ଦେଖିନଥିଲା। ଠିକଣା ଅନୁଯାୟୀ ସେ ଆଲୋନାଥଙ୍କ ଘରେ ପହଞ୍ଚି ଥିଲା।

ଆଲୋକନାଥଙ୍କ ସହ ପନ୍ଦର ମିନିଟ୍ କଥାବାର୍ତ୍ତା। ପରେ ତା'ର ସେଠାରେ ଚାକିରି କରିବା କଥା ପକ୍କା ହେଲା ସତ; କିନ୍ତୁ ଦୁଇଦିନ ଭିତରେସେ ଜାଣିପାରିଲା ଯେ ଅଫିସ୍ କାମ ନାମକୁ ମାତ୍ର। ତାକୁ ଖାସ୍‌କରି ଘରକାମ ହିଁ କରିବାକୁ ପଡ଼ିବ।

ଆଲୋକନାଥ ଥିଲେ ଶୀର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପନ୍ନ ଖର୍ବକାୟ ମଣିଷ। ବୟସ ପଚାଶ ସେପଟେ। ପାଟିରେ ସେ ଚାରିଗୋଟି ସୁନା ରଙ୍ଗର ଦାନ୍ତ ଲଗାଇଛନ୍ତି। ତାଙ୍କ ମୁଣ୍ଡଟି ଚନ୍ଦା। ଉଭୟ କାନ ଉପରଠୁ ରିବନ୍ ମାପର ଧାରେ ଧାରେ କେଶ ଯାହା ମୁଣ୍ଡର ପଛପାଖ ପର୍ଯ୍ୟନ୍ତ ୟୁ ଆକୃତିରେ ରହିଛି। ନାକଟି ଚେପ୍‌ଟା। ଆଖି ଦୁଇଟି ପେଙ୍କୁଆ ଓ ଆଖି ତଳ ଫୁଲିଲା ଫୁଲିଲା। ଘରେ ଥିଲେ ସେ କେବଳ ଧୋତି ଖଣ୍ଡେ ପିନ୍ଧି ରହିଥାନ୍ତି। ତାଙ୍କ ଛାତିର ସବୁ ବାଳ ପାଚିଗଲାଣି।

ସପ୍ତାହେ ଦଶଦିନ ଅନ୍ତରରେ ତାଙ୍କର ମୁଣ୍ଡବାଳ ଓ ନିଶରେ ରଙ୍ଗ ଲଗାଇ କଳା କରିବା ଦାୟିତ୍ୱ ମଧ୍ୟ ରଘୁନାଥର। ଏହା ଛଡ଼ା ତାକୁ ଅନ୍ୟ କେଉଁ କାମ ଯେ କରିବାକୁ ନପଡ଼େ। ବଜାର ସଉଦା, ବଗିଚା କାମ, ଘରର ସାଜସଜ୍ଜା, ଝାଡ଼ୁ ଓ ଧୁଆପୋଛା, ବ୍ୟାଙ୍କ କାରବାର, ଲୁଗାପଟା ସଫା ଓ ଇସ୍ତ୍ରୀ କରିବା ଭଳି ଯାବତୀୟ କାମ ତା'ର। ତାଙ୍କ ଘରେ କାମ କରିବାକୁ ଠିକା ଚାକରାଣୀ ସୁଦ୍ଧା ଆସନ୍ତିନି। ସେ କହନ୍ତି, ଖୁବ୍ ବଡ଼ ସହର ହୋଇଥିବାରୁ କାମବାଲୀ ସହଜରେ ମିଳନ୍ତିନି। ଆଲୋକନାଥଙ୍କ ପତ୍ନୀ କଷ୍ଟେମଷ୍ଟେ ରୋଷେଇବାସ କାମ ଯାହା କରନ୍ତି ଓ ପ୍ରାୟତଃ ଶୋଇରହନ୍ତି।

ଶୋଭନା, ଆଲୋକନାଥଙ୍କ ପତ୍ନୀ, ଦେଖିବାକୁ ଗୋଲ୍‌ଗାଲ ଓ ପୃଥୁଳ। ବୟସ ପାଖାପାଖି ପଇଁଚାଳିଶ। ବିସ୍ତୃତ କପାଳ, ଅଧଚ ମୁହଁଟି ଥୋଡ଼ି ଆଡ଼କୁ କ୍ରମଶଃ ଅଣଓସାରିଆ। ଚକ୍ଷୁ ରକ୍ତବର୍ଣ୍ଣ। ଉଚ୍ଚତା ଆଲୋକନାଥଙ୍କ ଠାରୁ କିଞ୍ଚିତ ଅଧିକ। ତାଙ୍କ ସ୍ୱାସ୍ଥ୍ୟକୁ ଦେଖି ରଘୁନାଥ ଅନୁମାନ କଲା, ସେ ଇଚ୍ଛାକଲେ ଦୁଇହାତରେ ଆଲୋକନାଥଙ୍କ ଅଣ୍ଟାକୁ ଧରି ଅକ୍ଳେଶରେ ମୁଣ୍ଡ ପର୍ଯ୍ୟନ୍ତ ଉଠାଇପାରିବେ। ପରେ ପରେ ସେ ଜଣିଲା, ଅଳସୁଆମୀ ହେତୁ ନୁହେଁ, ବିରକ୍ତି ଓ ଅବସାଦ ଯୋଗୁଁ ସେ ଅଧିକରୁ ଅଧିକ ସମୟ ଶୋଇ ରହିବାକୁ ପସନ୍ଦ କରୁଥିଲେ।

ମାତ୍ର ଗୋଟିଏ ସପ୍ତାହ ବିତିଥାଏ। ଆଲୋକନାଥଙ୍କ ଅନୁପସ୍ଥିତିରେ ଦିନେ ରାତିରେ ଶୋଭନା ଯେପରି ଭାବରେ କୁନ୍ଥେଇଲେ ସେଥିରେ ରଘୁନାଥର ନିଦ ଭାଙ୍ଗିଗଲା। କ'ଣ ହେଇଥାଇପାରେ ସେ ଭାବି ପାରୁନଥିଲା। ତାଙ୍କ ବେଡ୍‌ରୁମ୍‌କୁ ଯିବା ଉଚିତ୍ ହେବ କି ନାଇଁ ଠିକ୍ କରିପାରୁନଥିଲା। ବେଳକୁବେଳ କୁନ୍ଥାଣ ଦ୍ରୁତ ଓ ଗଭୀର ହେଉଥିଲା। କ୍ରମଶଃ ଉଚ୍ଚ ହେଲା ସେ ଧ୍ୱନି। ତା'ପରେ ସେ ବୋବାଳି ଛାଡ଼ିଲେ।

ଆଉ ସମ୍ଭାଳି ରହିପାରିଲାନି ରଘୁନାଥ। ଝପଟି ଗଲା ତାଙ୍କର ଶୋଇବା ଘରକୁ। କ୍ଷୀଣ ନାଲି ବତିର ଆଲୋକରେ ସ୍ୱାପ୍ନାଚ୍ଛନ୍ନ ସେ କୋଠରି। ଖଟ ଉପରେ ସେ ଖୁବ୍ ଜୋର ଖୁରେଲୁତରେଇ ହେଉଛନ୍ତି। ତାଙ୍କର ନାଇଟ୍ ଗାଉନ୍ ଉଠିଯାଇଛି ଆଣ୍ଠୁ ଉପର ପର୍ଯ୍ୟନ୍ତ। ନାଲି, ସ୍ତିମିତ ଆଲୁଅ ତାଙ୍କର ଗୋରା ରଙ୍ଗକୁ ରକ୍ତିମ କରିଛି।

ଦୂରେଇ ଠିଆ ହୋଇ ସେ ପ୍ରଶ୍ନକଲା - କ'ଣ ଲାଗୁଛି ଆପଣଙ୍କୁ ?

ସେ ଧଡ଼ପଡ଼ ହୋଇ ଉଠି ବସିଲେ। ଲୁଗା ସଜାଡ଼ିଲେ। ରଘନାଥକୁ ପାଣି ମାଗିଲେ। ତକିଆ ତଳୁ ବଟିକାଟିଏ ବାହାରକରି ଖାଇଲେ। ତାକୁ ବସିବାକୁ କହିଲେ ଖଟଉପରେ। ଭାର ନିରୀହ ସ୍ୱରରେ କହିଲେ - ନିଦ ହୁଏନି। ଛାତି ଧଡ଼ଧଡ଼ ଲାଗେ। ପିଠିରୁ ବେଙ୍ଗା ବାହାରେ।

ସାରା ରାତି ତାକୁ ସାମ୍ନାରେ ବସାଇ ସେ କେତେ ଯେ କଥା ଗପିଲେ। ରଘୁନାଥ ଢୁଳେଇ ପଡ଼ିଲେ ତା ବାହୁକୁ ହଲାଇ ଦେଉଥିଲେ ଓ ସେ ଚମକି ଚାହିଁବା ମାତ୍ରେ ରାଗିଯାଇ ତାକୁ ଭର୍ତ୍ସନା କରୁଥିଲେ।

ରଘୁନାଥ ଜାଣିପାରିଲା, ଶୋଭନା ଭାରି ଗପୁଡ଼ି ଓ ବଦ୍‌ରାଗୀ ବି। ତାଙ୍କ କଥା ନଶୁଣିଲେ ସେ କ୍ରୋଧରେ ଲହୁଲୁହାଣ କରିଦେଇପାରନ୍ତି। ପୁଣି ଅଫିସ୍ ଓ ଘରକାମ ପାଇଁ କେବଳ ନୁହେଁ, ଘର ଓ ପତ୍ନୀର ଜଗୁଆଳି ଭାବେ ମଧ୍ୟ ତାକୁ ନିଯୁକ୍ତି ଦେଇଛନ୍ତି ଆଲୋକନାଥ।

ଆଲୋକନାଥ ଦମ୍ପତି ଥିଲେ ନିଃସନ୍ତାନ ।

ପ୍ରାୟ ଦୁଇମାସ ପରେ ରିପୁନାଥ ପାଇଲା ରଘୁନାଥର ଚିଠି । ସେ ଲେଖିଥିଲା ଯେ, ଭଲରେ ଅଛି । କିନ୍ତୁ ଚିଠିଟି ପଢ଼ିସାରିବା ପରେ ରିପୁନାଥ ଚିନ୍ତାରେ ପଡ଼ିଲା, ଏପରି ଭାବେ ରହିବାକୁ କ'ଣ ଭଲରେ ଅଛି ବୋଲି କୁହାଯାଇପାରିବ ? ନିଜର ଜମିବାଡ଼ି ଥାଉ ଥାଉ, ଏତେ ପାଠପଢ଼ି ଯାଇ କାହା ଘରେ ଭୃତ୍ୟ ଭଳି ରହିବାରେ ଜୀବନର କି ବା ସାର୍ଥକତା ? ରଘୁନାଥ ଯି ଭଲରେ ଅଛି, ପୃଥିବୀରେ କିଏ ତେବେ ଆଉ ଖରାପ ଅବସ୍ଥାରେ ଥିବ ?

ରଘୁନାଥ ଦେଇଥିବା ଠିକଣାରେ ରିପୁନାଥ ଚିଠି ଖଣ୍ଡେ ଲେଖିଲା । ଲେଖିଥିଲା -ଚାଲିଆ, ଚାଲିଆ । ଫେରିଆ ଜନ୍ମମାଟିକୁ । ଏ ମାଟିଠାରୁ ଆପରାର ବୋଲି କିଏ ଅଛି ? ବାପା, ମା' ଭାଇଠାରୁ ଅଧିକ ଆପଣାର ହୋଇ କିଏ ଅଛି ? କାହାର ଏଠି ତୁ ଅଲୋଡ଼ା ଯେ ଚାଲିଗଲୁ ? କିଏ ତୋର ଏଠି ଅଲୋଡ଼ା ଯେ ମୁହଁ ଫେରାଇଲୁ ? ଖାଇବା ମୁଠାକ କ'ଣ ଏଠି ଅଭାବ ଥିଲା ? କାହାର ପାଲଟା ଲୁଗା ସଫା କରି କି ତୃପ୍ତି ପାଉଥିବୁ ? କାହା ଘରର ମଇଳା ଧୋଇ, ସଫାକରି କି ଯଶ ଲଭିବୁ ? ଏତେ ପାଠ ପଢ଼ି, ଚାଷୀଘରର ପିଲା ହୋଇ ଇତର ଲୋକର ଘର ପାଇଁ ସଉଦା କରିବା, ତା'ବଗିଚାକୁ ଫୁଲଫଳରେ ମଣ୍ଡିତ କରିବା ଦ୍ୱାରା ତୋ ନିଜର ବା ଦେଶର କି ଉପକାର ହେବ ? ଚାଷୀ ପରିବାରର ପିଲା ଏଇଥିପାଇଁ ଏପରି ନିଜ ମାଟିଂାରୁ ଦୂରକୁ ଧାଇଁ ପଳାଇ ଯାଏନା । ଯିବା କିଛି ଆବଶ୍ୟକ ନାଇଁ । ଶ୍ରୀଘ୍ର ଫେରିଆ । ଏ ଚିଠି ପାଇବା କ୍ଷଣି ଯେଉଁ ସଜରେ ଅଛୁ ସେଇ ସଜରେ ଚାଲିଆ' ।

ମାସାଧିକ କାଳ ଯାଏ ଚିଠିର ଉତ୍ତର ଫେରିଲାନି । ପୁଣି ଚିନ୍ତା ବଢ଼ିଲା ସମସ୍ତଙ୍କର । ଧାନ ବୁଣାବୁଣି କାମ ଚାଲିଥିଲା । ରିପୁନାଥକୁ ଫୁରସତ ନଥିଲା । ବାପା ଗୋବିନ୍ଦକୁ ଫୁରୁସତ ନଥିଲା । ରାତିରେ ଖାଇବାକୁ ବସିବା ବେଳେ କଥା ପଡୁଥିଲା । ମାଆ ମନକୁମନ ଗଜଗଜ ହେଉଥିଲା । ବାପା କହୁଥିଲା - ଏମତି ଦୂରଛଡ଼ା ହୋଇ ରହିଲେ ହାତରୁ ଫଟିଯିବ । ସିଏ ଆମର କଥା ମାନିବନି । ତା' ଉପରେ ଆମର ଅଧିକାର ରହିବନି । ଶ୍ୱଶୁର ଓ ସ୍ୱାମୀର ତାଟିଆରେ ତିଅଣ କି ପଇଡି ଟିକିଏ ଦେଉଦେଉ ନୂଆ ବୋହୂଟି କହେ ତା'ସ୍ୱାମୀ ଉଦ୍ଦେଶ୍ୟରେ - ତୁମେ ନ ହେଲେ ଯାଉନ, ତାଙ୍କୁ ସାଙ୍ଗରେ ଧରି ଫେରିଆସିବ ।

କଥାଟା ସମସ୍ତଙ୍କ ମନକୁ ପାଏ । ରିପୁନାଥ କହେ - ଏଇ ବୁଣାବୁଣି କାମଟା ସରିଯାଉ । ବେଉଷଣ, ବଛାବଛି କାମ ତ ଡେରି ଅଛି । ତା'ଭିରେ ମୁଁ ଥରେ ଯିବି ।

ମା'ସମର୍ଥନ ଜଣାଏ - ହଁ ହଁ, ଯାଇ ନେଇଆ ତାକୁ । କାର୍ତ୍ତିକ ମାସ ଆଡ଼କୁ ତା' ହାତକୁ ଦି'ହାତ କରିଦେବା । ତେଣିକି ସିଏ ଯୁଆଡେ ଯାଉଛି ଯାଉ । ଯାହା କରୁଛି କରୁ ।

ରିପୁନାଥ ସେ ମହାନଗରରେ ପହଞ୍ଚିଲା ବେଳକୁ ସମୟ ଦିନ ବାରଟା । ପାଗ ମେଘୁଆ । ବର୍ଷା ହେଉନଥାଏ । କିନ୍ତୁ ଭାରି ଗୁଳୁଗୁଳି ଲାଗୁଥାଏ । ସମୁଦ୍ରକୂଳିଆ ସହର । ଚାରିଆଡ଼େ ଉଚ୍ଚା ଉଚ୍ଚା ଅଟ୍ଟାଳିକା । ପବନ ବହିଲେ ବି ସହର ଭିତରେ ପଶିପାରିବନି ।

ରିପୁନାଥକୁ ବଣାବଣା ଲାଗିଲା । ଜୋର୍‌ରେ ନିଃଶ୍ୱାସ ନେଇ ସେ ଛାତିକୁ ଦୃଢ଼କଲା । ଜଣେ ଅଟୋରିକ୍ସାବାଲାକୁ ଠିକଣା ଲେଖାଥିବା କାଗଜ ଦେଖାଇଲା ।

ଅଧଘଣ୍ଟା ଚାଲିବା ପରେ ଅଟୋରିକ୍ସା ପହଞ୍ଚିଲା ଗୋଟିଏ ବଙ୍ଗଳା ଭଳି ଘରର ଗେଟ୍ ପାଖରେ । ଗେଟ୍‌ରେ ଝୁଲୁଥିବା ଟିଣ ପାତିଆରେ ଲେଖାଥିଲା ଘର ମାଲିକର ନାଁ ଓ ପ୍ଲଟ୍ ନମ୍ବର । ରିପୁନାଥ ଗେଟ୍ ଖୋଲିବାକୁ ଯିବା ବେଳକୁ ଘର ଭିତରୁ ବାହାରି ଆସିଲା ରଘୁନାଥ ଓ ସେ ଏକପ୍ରକାର ଧାଇଁ ଧାଇଁ ଗେଟ୍ ପାଖରେ ପହଞ୍ଚିଲା । ଦୁହେଁ ଯାଇ ବାହାର ବାରଣ୍ଡା ପାଖରେ ହେଲାବେଳକୁ ମାଲିକାଣୀ ଆସି ଦୁଆରମୁହଁରେ ହାଜର ।

ରିପୁନାଥ ତାଙ୍କୁ ନମସ୍କାର ଜଣାଇଲା । ସେ ଖାଲି ମୁଣ୍ଡଟିକୁ ଟିକିଏ ଝୁଙ୍କାଇ ଦେଲେ । ସୁନ୍ଦର ହସଟିଏ ଖେଳାଇଲେ ଓଠରେ । ତାଙ୍କର ସେ ସଲଜ୍ଜ ହସ ତାଙ୍କ ବୟସ ଓ ଆଭିଜାତ୍ୟ ତୁଳନାରେ ଅପରିପକ୍ୱ ମନେହେଲା ରିପୁନାଥକୁ । ସେ ପିନ୍ଧିଥିବା ତାଜା ରକ୍ତବର୍ଣ୍ଣର ଗାଉନ୍ ତାଙ୍କ ସୌନ୍ଦର୍ଯ୍ୟକୁ ବଢ଼ାଇବା ସଙ୍ଗେ ସଙ୍ଗେ ବୟସକୁ ମଧ କମାଇବାକୁ ସମର୍ଥ ଥିଲା । ତାଙ୍କର ବିଶାଳ ମୁହଁ ଓ ବଟାହଳଦୀ ପରି ଦେହର ରଙ୍ଗରୁ ସେ ଜଣେ ମୂଲ୍ୟବାନ ମହିଳା ଭଳି ଲାଗୁଥିଲେ ।

ରଘୁନାଥ ପରିଚିତ କରାଇ ଦେଲା - ମୋର ବଡ଼ଭାଇ ।

ଆସ ଆସ, ଭିତରକୁ ଆସ । ସେ କହିଲେ ।

ରଘୁନାଥ ତାକୁ ନିଜ ବଖରାକୁ ନେଲା ।

ରଘୁନାଥ ରହୁଥିବା ବଖରାଟି ମଧ ଥିଲା ବେଶ୍ ସୁସଜ୍ଜିତ । ସେଇ ବଖରାରେ ରଘୁନାଥର ପ୍ରାୟ ପାଞ୍ଚହଳ ନୂଆ ପ୍ୟାଣ୍ଟ ସାର୍ଟ, ଦୁଇହଳ ଫିନ୍‌ଫିନ୍ ଦଳା ପାଇଜାମା ପଞ୍ଜାବି, ମୁହଁରେ ଲଗାଇବା କ୍ରିମ୍, ପାଉଡ଼ର, ଦାଢ଼ି ଖିଅର ହେବାର ମୂଲ୍ୟବାନ ସରଞ୍ଜାମ, ଦୁଇହଳ ଜୋତା, ଦୁଇହଳ ଚପଲ ଓ ଅନ୍ୟ କେତେକ ନୂଆ ଜିନିଷ ରହିଥିଲା । ଟେବୁଲ୍ ଉପରେ ଥିଲା କେତୋଟି ଫାଇଲ୍, କେତେଖଣ୍ଡ ବହି, ଆଠଗୋଟି କଲମ, ଦୁଇଟି ପେନ୍‌ସିଲ୍, ରବର,ଗୋଟିଏ କାଲକୁଲେଟର ।

ଚାରିଆଡ଼କୁ ନିରବରେ ଲକ୍ଷ୍ୟ କରି ସାରିବା ପରେ ରିପୁନାଥ ପାଣି ମାଗିଲା । ରଘୁନାଥ ଅନ୍ୟ କୋଠରିକୁ ଯାଇ ଫ୍ରିଜ୍‌ରୁ ଥଣ୍ଡା ପାଣି ଆଣି ତାକୁ ଦେଲା । ପାଣି ପିଇସାରି ରିପୁନାଥ ପଚାରିଲା - ମୋ ଚିଠିର ଉତ୍ତର କାହିଁକି ଦେଲୁନି ?

ରଘୁନାଥ ନିରବ ରହିଲା

ରିପୁନାଥ କହିଲା - ମୁଁ ତତେ ନେବାକୁ ଆସିଛି।

ରଘୁନାଥ ସନ୍ତାପିତ ଦୃଷ୍ଟିରେ ବଡ଼ଭାଇର ମୁହଁକୁ ଚାହିଁଲା। ରିପୁନାଥ ପୁଣିଥରେ କହିଲା - ଏମିତି ଚାହିଁଛୁ କ'ଣ ? କହିଲି ପରା, ମୁଁ ତତେ ସାଙ୍ଗରେ ନେଇଯିବାକୁ ଆସିଛି।

ରଘୁନାଥ କହିଲା - କିନ୍ତୁ ମୁଁ ଏଇଠୁ ଯିବି କାହିଁକି ? ମୁଁ ତ ଭଲରେ ଅଛି।

ରଘୁନା କଟମଟ କରି ଚାହିଁ ଓଠ ଚିପିଚିପି ରିପୁନାଥ ଉତ୍ତର ଦେଲା - ତା' ତ ମୁଁ ଦେଖୁଛି। କିନ୍ତୁ ମୁଁ ଯାହା ଏପର୍ଯ୍ୟନ୍ତ ଦେଖିପାରିନି ସେସବୁ ମଧ୍ୟ ନିଶ୍ଚୟ ଭଲ ହୋଇଥିବ ବୋଲି ନିଜକୁ ବୁଝାଇବା ମୋ ପକ୍ଷରେ କଷ୍ଟକର।

ରଘୁନାଥ ନିରବ। ମଧ୍ୟାହ୍ନ ଭୋଜନ ପରେ ରଘୁନାଥ ବଡ଼ଭାଇକୁ ସହର ବୁଲାଇନେଲା। ଅଟୋରିକ୍ସାରେ, ବସ୍‌ରେ ଯାଇ ସେମାନେ ବହୁତ ଜାଗା ଦେଖିଲେ। ଘରକୁ ଫେରୁଫେରୁ ସନ୍ଧ୍ୟା ସାତଟା।

ଏବଂ ସେଦିନ ରାତିରେ....

ଖାଇସାରି ଦୁଇଭାଇ ଶୋଇବାକୁ ଗଲେ। ଗୃହସ୍ୱାମୀ ଅନୁପସ୍ଥିତ ଥିଲେ ଘରେ। ମାଲିକାଣୀ ତାଙ୍କ ଶୋଇବାଘରେ।

ଦୁଇଭାଇ ଗପ କରୁକରୁ ରଘୁନାଥକୁ ନିଦ ହୋଇଗଲା। ନୂଆ ଜାଗା ହୋଇଥିବାରୁ ରିପୁନାଥ ଆଖିକୁ ନିଦ ଆସୁନଥିଲା। ବିଛଣା ଉପରେ ସେ ବାରମ୍ବାର କଡ଼ ଲେଉଟାଇଥିଲା। ବେଶ୍ କିଛି ସମୟ ପରେ ତା' ଆଖିକୁ ଛାଇ ନିଦ ଲାଗିଆସିଲା।

ପ୍ରଥମେ ତା'ର ମନେହେଲା, ସେ ସ୍ୱପ୍ନ ଦେଖୁଛି। କିନ୍ତୁ କ୍ରମଶଃ ଗୋଟିଏ ନାରୀର କୁହାଟ ଗଭୀର ଓ ତୀବ୍ର ହେଲା। ସେ ଆଖି ଖୋଲିଲା ଓ ଘଟଣା କ'ଣ ହୋଇପାରେ ଅନୁମାନ କରିବାକୁ ଚେଷ୍ଟାକଲା। ସେ କିଛି ବୁଝିପାରିଲାନି। ଭଲଭାବରେ କାନେଇଲା। ତା'ର ମନେହେଲା ଘର ଭିତରୁ ହିଁ କେଉଁଠୁ ଆସୁଛି ସେ କୁହାଟ। କୁହାଟ ବିଳାପର ରୂପ ନେଲା। ସାନଭାଇ ରଘୁନାଥ ପାଖରେ ଶୋଇଥିଲା। ତାକୁ ଉଠାଇବାକୁ ସେ ହାତ ବଢ଼ାଇବା ବେଳକୁ ରଘୁନାଥ ଆପେ ଉଠିଲା। ରିପୁନାଥ ନିଶ୍ଚଳ ହୋଇ ପଡ଼ିରହିଲା। ରଘୁନାଥ କୋଠରି ବାହାରକୁ ଗଲା।

ବେଶ୍ କିଛି ସମୟ ଯାଏ ରଘୁନାଥ ଫେରିଲାନି। ରିପୁନାଥ ଉଠିବସିଲା। ଠିଆହେଲା। ଧୀରେ ଧୀରେ ପାଦ ବଢ଼ାଇଥିଲା। କାନ୍ଥଘଣ୍ଟା ଦୁଇଥର ଢଣଢ଼ଣ ହେଲା। ରିପୁନାଥ ସତର୍କତାର ସହିତ ଆଗେଇଗଲା। ନାଲିବତିର ସ୍ତିମିତ ଆଲୋକ ମାଲିକାଣୀଙ୍କ ଶୋଇବାଘରକୁ ଯେତିକି ଆଲୋକିତ କରିଥିଲା ସେତିକିରେ ସେ ସ୍ପଷ୍ଟଭାବେ ଦେଖିପାରିଲା ତା'ସାନଭାଇଟିର ଚାକିରିର ଉଲଗ୍ନ ରୂପ।

ମାଲିକାଣୀ ଖଟ ଉପରେ ମୁହଁମାଡ଼ି ଶୋଇଥିଲେ। ଅଣ୍ଟା ଠାରୁ ତଳକୁ ସେ କିଛି ଗୋଟେ ଲୁଗା ପିନ୍ଧିଥିଲେ। ଅଣ୍ଟା ଠାରୁ ଉପରକୁ କିନ୍ତୁ ସମ୍ପୂର୍ଣ୍ଣ ମୁକୁଳା। ତାଙ୍କର ପୃଥୁଳ ଶରୀର। ଦୁଆର ଆଡ଼କୁ ପିଠି କରି ଖଟଉପରେ ତାଙ୍କ ଦେହକୁ ଲାଗି ବସିଥିଲା ରଘୁନାଥ। ତାଙ୍କର ଅଣ୍ଟାଠାରୁ ବେକ ପର୍ଯ୍ୟନ୍ତ ରାଣ୍ଡିକରି ଘଷିନେଉଥିଲା ଏକପଟିଆ। ମଝିରେ ମଝିରେ ଶିଶିରୁ କିଛି ତେଲ ଢାଳୁଥିଲା ହାତ ପାପୁଲିରେ। ସେ ଜୋର୍‌ରେ ଘଷିଚାଲିଥିବା ବେଳେ ଘଡ଼ିକେ ପହରକେ ମାଲିକାଣୀ ଫଁ ଫଁ ନିଃଶ୍ୱାସ ଛାଡୁଥିଲେ। କେତେବେଳେ ପୁଣି ଚିହିଁକି ଉଠି କହୁଥିଲେ - କାଟୁଚି, କାଟୁଚି !

ରିପୁନାଥ ଦୀର୍ଘଶ୍ୱାସ ଛାଡ଼ିଲା ଓ ଶୋଇବା ଜାଗାକୁ ଫେରି ଆସିଲା।

ସକାଳ ହେବାରୁ ସେ ରଘୁନାଥକୁ କହିଲା - ଆଜି ହିଁ ଆମେ ଗାଁକୁ ଫେରିଯିବା। ରଘୁନାଥ ଅମଙ୍ଗ ହେଲା। ରିପୁନାଥ ଜିଦ୍‌ରୁ ଟଳିଲା ନାହିଁ। ଶେଷରେ ରଘୁନାଥ କହିଲା - ସେମିତି ମୁଁ ଏଠାରୁ ପଳେଇ ଯାଇ ପାରିବିନି। ସର୍ତ୍ତ ଅନୁଯାୟୀ ଏଠୁ ଛାଡ଼ିଯିବାକୁ ହେଲେ ମୋତେ ଏକ ମାସ ପୂର୍ବରୁ ସେ କଥା ମାଲିକଙ୍କୁ ଲିଖିତ ଆକାରରେ ଜଣାଇବାକୁ ପଡ଼ିବ। ତା'ହେଲେ ସେମାନେ ବିକଳ୍ପ ବ୍ୟବସ୍ଥା କରିବେ।

ବ୍ୟବସ୍ଥା ? ରିପୁନାଥ ତାଚ୍ଛଲ୍ୟ କଲା ଭଳି ହସିଲା ଓ କହିଲା - ଏଇ ବ୍ୟବସ୍ଥା ଭିତରେ ଏକ ମାସ କ'ଣ, ଆଉ ଗୋଟିଏ ରାତି ସୁଦ୍ଧା ରହିବା ତୋ ପାଇଁ ସ୍ୱାସ୍ଥ୍ୟକର ନୁହେଁ। ରାତିରେ ମୁଁ ସବୁକଥା ଦେଖିପାରିଛି।

ରଘୁନାଥ ଝାଉଁଳିଗଲା। ତଥାପି କହିଲା - ସେ ମୋର ମା'ଭଳି।

ରିପୁନାଥ ନରମ ସ୍ୱରରେ ବୁଝାଇଲା - ମା' ଭଳି ତ ନିଶ୍ଚୟ। ସେତିକି ଯଦି ଭାବିପାରିଛୁ ତେବେ ବଡ଼ ଭାଗ୍ୟର କଥା। କିନ୍ତୁ ଆମ ଘର ମାନଙ୍କରେ ପୁଅ ବଦଳରେ ଝିଅ କିମ୍ବା ବୋହୂ କେବଳ ମା'ର ଏପରି ସେବା କରିଥାନ୍ତି। ତଥାପି ଯଦି ତୋର ସେବା କରିବାରେ ଏତେ ଆଗ୍ରହ, ଘରେ ତୋର ବୁଢ଼ୀ ମା'ତ ଅଛି। ଅନ୍ୟ କାହାର ପୀଡ଼ାରେ ତୁ ଏତେ ପୀଡ଼ିତ କାହିଁକି ? ସାରା ଦୁନିଆରେ ଏଭଳି କେତେ ଯେ ମହିଳା ନଥିବେ।

ରଘୁନାଥ ଚିନ୍ତିତ ମୁଦ୍ରାରେ ଝରକା ଦେଇ ବାହାରକୁ ଚାହିଁ ରହିଥିଲା। ରିପୁନାଥ ସାନଭାଇଟିର ଲୁଗାପଟାକୁ ଚଉତାଚଉତି କରିବାରେ ଲାଗିଗଲା। ଶୋଭନା ଦୁହିଁଙ୍କ ପାଇଁ ଦୁଇ କପ୍ ଚା' ଆଣି ଟେବୁଲ୍ ଉପରେ ରଖିଲେ ଓ ଉଭୟଙ୍କ ଆଡ଼କୁ ବଲବଲ କରି ଚାହିଁଲେ।

ରାଉରକେଲା





Printed, Published, Edited and Owned by Dr. Bibhudatta Khandayatray, Printed at Laxmi Offset Press, Nayabazar, Cuttack-4, Odisha & Published at Niladri Vihar, P.O. - Nayabazar, Cuttack - 4, Odisha, Mob. : 9437744194

RNI No. : ODIODI/2015/64435

www.pracheevoice.in

Editor : **Dr. Bibhudatta Khandayatray**

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଡିସେମ୍ବର ୨୦୧୪

ମୂଲ୍ୟ : ୨୪ ଟଙ୍କା